بِسۡمِ اللّٰہِ الرَّحۡمٰنِ الرَّحِیۡمِ　نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ　وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 26

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

30 ଜୁନ 2022　30 ଏହ୍‌ସାନ୍ 1401 ହି.ଶ　29 ଜୁଲ୍‌କାଦାଃ 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَ كَذَّبَ بِهٖ قَوۡمُكَ وَهُوَ الۡحَقُّ ؕ
قُلۡ لَّسۡتُ عَلَيۡكُمۡ بِوَكِيۡلٍ

(الانعام:67)

ଅନୁବାଦ- ଏବଂ ତୁମ୍ଭ ସମ୍ପ୍ରଦାୟ ଏହାକୁ (ଅର୍ଥାତ ହଜରତ ମହମ୍ମଦ ବାର୍ତାକୁ) ମିଥ୍ୟା ସାବ୍ୟସ୍ତ କରିଛନ୍ତିତ, ଅଥଚ ତାହା ସତ୍ୟ ଅଟେ; ତୁମ୍ଭେ (ସେମାନଙ୍କୁ) କୁହ, ''ଆମ୍ଭେ ତୁମ୍ଭମାନଙ୍କ ପାଇଁ ଦାୟୀ ନୋହୁଁ ।''

*(ସୁରଃ ଅଲ ଅନାମ:୬୭)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ମୁତ୍‌ତକୀ(ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ)ର କୌଣସି ଦୁଆ ବାସ୍ତବିକ ନଷ୍ଟ ହୁଏନାହିଁ । ଯଦି ତାହାଙ୍କର (ଅର୍ଥାତ ଅଲ୍ଲାଃଙ୍କର) ପ୍ରିୟ ଭକ୍ତ ନିଜର ଦୃବଳତା, ଭୂଲ ତଥା ଅଜ୍ଞତା ହେତୁ ଏପରି କୌଣସି ଜିନିଷ ପାଇଁ ନିଜ ସପକ୍ଷରେ କିଛି ପ୍ରାର୍ଥନା କରିଥାଏ, ତାହେଲେ ସେ ତାର ପ୍ରାର୍ଥନାକୁ ରଦ୍ଦ କରିଦେଇଥାନ୍ତି ଏବଂ ତା ପରିବର୍ତେ ତାଠାରୁ ଉତମ ଜିନିଷ ତାକୁ ପ୍ରଦାନ କରିଥାନ୍ତି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଯେଉଁମାନେ ମୁତ୍‌ତକୀ(ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ)ଅଟନ୍ତି ସେମାନଙ୍କର ଦୁଆ(ପ୍ରର୍ଥନା)ଗ୍ରହଣୀୟ ହୋଇଥାଏ ।

ଯେଉଁମାନେ ମୁତ୍‌ତକୀ(ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ)ଅଟନ୍ତି ସେମାନଙ୍କର ଦୁଆ(ପ୍ରର୍ଥନା)ଗ୍ରହଣୀୟ ହୋଇଥାଏ । ଏବେ ମୁଁ ବତାଇବି ଯେ ମୁତତକୀ(ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ) କେଉଁମାନେ । କିନ୍ତୁ ମୁଁ ଏବେ ଏଠରେ ଆଉ ଏକ ସନ୍ଦେହକୁ ଦୂର କରିବାକୁ ଜରୁରୀ ମନେକରୁଛି । ତାହା ହେଉଛି ଏହା କି କେତେକ ଲୋକେ ମୁତ୍‌ତକୀ(ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ)ଅଟନ୍ତି,ସେମାନଙ୍କ ଇଚ୍ଛା ମୁତାବକ ସେମାନଙ୍କର କିଛି ଦୁଆ ପୂରଣ ହୋଇଥିବାର ମନେ ହୁଏନାହିଁ । ଏପରି କାହିଁକି ହୋଇଥାଏ ? ଏ କଥା ଭଲଭାବରେ ମନେରଖିବା ଉଚିତ ଯେ ସେମାନଙ୍କର କୌଣସି ବି ଦୁଆ ବାସ୍ତବିକ ବୃଥା ଯାଇନଥାଏ । କିନ୍ତୁ ଯେହେତୁ ମଣିଷ ସର୍ବଜ୍ଞ ନୁହେଁ ଓ ସେ ଏହା ବି ଜାଣିନଥାଏ ଯେ ତାର ଏହି ପ୍ରର୍ଥନାର ଫଳାଫଳ ତା ସପକ୍ଷରେ କ'ଣ ହେବ ? ତେଣୁ ଅଲ୍ଲାଃତାଲା ଏପରି କ୍ଷେତ୍ରେ ସମ୍ପୂର୍ଣ୍ଣ ଦୟା ତଥା ଅନୁଗ୍ରହ କରି ସେହି ଦୁଆକୁ ନିଜ ଭକ୍ତର ମଙ୍ଗଳ ପାଇଁ ଉପଯୋଗୀ ଓ ଫଳପ୍ରଦ କରିଦେଇଥାଏ । ଯେମିତି ଗୋଟିଏ ଅବୋଧ ଶିଶୁ ସାପକୁ ଏକ ସୁନ୍ଦର ତଥା ନରମ ଜିନିଷ ଭାବି ତାକୁ ଧରିବାକୁ ସାହସ କରିଥାଏ ବା ନିଆଁକୁ ଜଳୁଥିବାର ଦେଖି ତା ମାଠାରୁ ତାହା ମାଗିଥାଏ । ତା ମା ଯେତେ ଅଜ୍ଞ ହୋଇଥିଲେ ମଧ୍ୟ କ'ଣ ଏହା ସମ୍ଭବ ଯେ ସେ ତା ପିଲାକୁ ସାପ ଧରାଇବ କିମ୍ବା ତା ପିଲାଟିର ହାତରେ ଜଳୁଥିବା ନିଆଁ କୁ ରଖିବାକୁ ଚାହିଁବ କି ? କଦାପି ନୁହେଁ । କାରଣ ସେ ଜାଣିଛି ଯେ ଏହା ତା ଜୀବନକୁ ନଷ୍ଟ କରିଦେବ । ତେଣୁ ଅଲ୍ଲାଃତାଲା ଯିଏ ସର୍ବଜ୍ଞ ତଥା ସମସ୍ତ ବିଷୟକୁ ଜାଣିଛନ୍ତି, ଏବଂ ସ୍ନେହମୟୀ ଦୟାଳୁ ମାଠାରୁ ବି ଅଧିକା ଦୟାବନ୍ତ ଅଟନ୍ତି ଏବଂ ସେ ମାର ହୃଦୟରେ ବି ଏହି ସ୍ନେହ ତଥା ପ୍ରେମକୁ ରଖିଦେଇଛନ୍ତି । ସୁତରାଂ ଯଦି ତାର ପ୍ରିୟଭକ୍ତ ନିଜର ଦୃବଳତା,ଭୂଲ ତଥା ନିଜର ଅଜ୍ଞତା ହେତୁ ନିଜ ସପକ୍ଷରେ ଏପରି କିଛି କ୍ଷତିକାରକ ପ୍ରାର୍ଥନା ମାଗିବସିଥାଏ ,ତାହେଲେ ସେ କାହିଁକି ଏ କଥାକୁ ଯଥା ଶୀଘ୍ର ଗ୍ରହଣ/ସ୍ୱୀକାର/ମଞ୍ଜୁର କରିନେବେ ? ନୁହେଁ ବରଂ ସେ ତାହା ରଦ୍ଦ କରିଦେଇଥାନ୍ତି ଏବଂ ତା ପରିବର୍ତେ ତାଠାରୁ ଉତମ ଜିନିଷ ତାକୁ ପ୍ରଦାନ କରିଥାନ୍ତି । ଓ ସେ (ଅର୍ଥାତ ଭକ୍ତ) ଏକଥା ଅବଶ୍ୟ ଜାଣିନେଇଥାଏ ଯେ ଏହା ମୋର ଅମୁକ ଦୁଆ(ପ୍ରାର୍ଥନା)ର ଫଳ୍ । ତା ନିଜର ଭୂଲ ପାଇଁ ବି ତାକୁ ଅବଗତ କରାଯାଏ । ତେଣୁ ମୁତ୍‌ତକୀ (ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ)ମାନଙ୍କର କିଛି ପ୍ରର୍ଥନା ଗ୍ରହଣୀୟ ହୁଏନାହିଁ ବୋଲି କହିବା ସମ୍ପୂର୍ଣ୍ଣ ରୂପେ ଭୂଲ । ହଁ ଯଦି ନିଜର ଦୃବଳତା ତଥା ନିଜର ଅଜ୍ଞତା ହେତୁ ଏପରି କୌଣସି ଦୁଆ(ପ୍ରାର୍ଥନା)କରିବସେ ଯାହା ତାପାଇଁ ଉତମ ଫଳାଫଳ ବାହାର କରିନଥାଏ ,ତାହେଲେ ଅଲ୍ଲାଃତାଲା ସେହି ପ୍ରାର୍ଥନାର ପ୍ରତିବଦଳରେ ତାକୁ ଏମିତି ଜିନିଷ ପ୍ରଦାନ କରିଥାନ୍ତି ଯାହା ତା ମାଗିଥିବା ଜିନିଷ ଅପେକ୍ଷା ଉତମ ଓ ଉତ୍କୃଷ୍ଟ ହୋଇଥାଏ ।

***(ମଲଫୁଜାତ୍ ଖ-୦୧ ପୃ-୩୭୮ ମୁଦ୍ରିତ ୨୦୧୮ କାଦିଆନ୍)***

## ନବୀ ସ:ଆ:ସଙ୍କ ବାଣୀ

### ଯଦି ଅନୁମତି ନମିଳେ ତାହେଲେ ଫେରିଯାଅ

(୨୦୬୨) ଉବୈଦ୍ ବିନ୍ ଉମୈର ଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜରତ୍ ଅବୁ ମୁସା ଅଶ୍‌ଅରୀ ର ଅ ହଜରତ୍ ଉମର୍ ବିନ୍ ଖତାବ୍ ର ଅ ଙ୍କ ସହିତ ସାକ୍ଷାତ କରିବା ପାଇଁ ଅନୁମତି ଲୋଡିଲେ । କିନ୍ତୁ ତାଙ୍କୁ ଅନୁମତି ମିଳିଲା ନାହିଁ । ଏପରି ଲାଗୁଛି ଯେ (ହଜରତ୍ ଉମର ର ଅ) କାମରେ ବ୍ୟସ୍ତ ଥିଲେ । ସୁତରଂ ଅବୁ ମୁସା ଅଶ୍‌ଅରୀ ର ଅ ଫେରିଗଲେ । ଇତି ମଧ୍ୟରେ ହଜରତ୍ ଉମର୍ କାମରୁ ନିସ୍ତାର ପାଇଲେ ଓ କହିଲେ : ବୋଧହୁଏ ମୁଁ ଅବ୍ଦୁଲ୍ଲାଃ ବିନ୍ କୈସ୍ ର ଅ (ଅବୁ ମୁସା)ଙ୍କ ସ୍ୱର ଶୁଣିଛି ? ତାଙ୍କୁ (ଭିତରକୁ ଆସିବାକୁ) ଅନୁମତି ଦିଅ । ହଜରତ୍ ଉମର୍ ର ଅଙ୍କୁ କୁହାଗଲା ଯେ ସେ ତ ଲେଉଟି ଗଲେଣି । ପୁଣି ହଜରତ୍ ଉମର୍ ର ଅ ତାଙ୍କୁ ଡକାଇପଠାଇଲେ (ଏବଂ ଏ ବିଷୟରେ ପଚାରିଲେ)ଅତେବ (ହଜରତ୍ ଅବୁ ମୁସା ଅଶ୍‌ଅରୀ ର ଅ)କହିଲେ ଯେ ଆମକୁ ଏ ନିର୍ଦ୍ଦେଶ ମିଳିଥିଲା (ଯେ ଯଦି ଆମକୁ ଅନୁମତି ନମିଳେ ତାହେଲେ ଲେଉଟି ଯିବ)ଏହାଶୁଣି ହଜରତ୍ ଉମର୍ ର ଅ କହିଲେ : ଆପଣଙ୍କୁ ଏଥି ସକାଶେ ସାକ୍ଷ୍ୟ ପ୍ରମାଣ ଆଣିବାକୁ ପଡିବ । ଅତଃ ସେ ଅନସାରମାନଙ୍କ ମଜଲିସକୁ ଗଲେ ଏବଂ ସେମାନଙ୍କୁ ପଚାରିଲେ । ସେମାନେ କହିଲେ :ଏ ମାମଲାରେ ଆପଣଙ୍କ ପାଇଁ କେହି ହେଲେ ବି ସାକ୍ଷ୍ୟପ୍ରମାଣ ଦେବେ ନାହିଁ ,କିନ୍ତୁ ସେହି (ଲୋକଟି)ଯିଏ ଆମମାନଙ୍କ ମଧ୍ୟରେ ଅଳ୍ପ ବୟସ୍କ । ଅର୍ଥାତ ଅବୁ ସଇଦ୍ ଖୁଦରୀ ର ଅ । ତାପରେ ସେ ଅବୁ ସଇଦ୍ ଖୁଦରୀ ର ଅ ଙ୍କୁ ସାଥିରେ ଧରି ଚାଲିଲେ । (ତାଙ୍କ କଥା ଶୁଣି)ହଜରତ୍ ଉମର୍ ର ଅ କହିଲେ : କ'ଣ ରସୁଲୁଲ୍ଲାଃ ସ ଆ ସଙ୍କର ଏହି ନିର୍ଦ୍ଦେଶ ମୋଠାରୁ ଲୁକ୍କାୟିତ ହୋଇରହିଗଲା ? ବଜାରର କାରବାର ମତେ ଅନ୍ଧକାରରେ ରଖିଦେଲା । ତାଙ୍କର ଏକଥା କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ ସେ ବ୍ୟବସାୟ କରିବା ପାଇଁ ବାହାରକୁ ଯାଉଥିଲେ ।

*(ସହି ବୁଖାରୀ, ଖଣ୍ଡ-୪,କିତାବୁଲ୍ ବୁୟୁ, ମୁଦ୍ରିତ କାଦିଆନ୍ ୨୦୦୮)*

*ପୃଷ୍ଠା- ୧୨ ରେ ଅବଶିଷ୍ଟାଂଶ .....*

ପ୍ରକାରର ମନ୍ଦ କାର୍ଯ୍ୟରୁ ମଣିଷ ବଂଚୁଥିବ । ଅନେକ ମୁସଲମାନ୍ ଏପରି ଅଛନ୍ତି ଯିଏ ଏକଥା କହିଥାନ୍ତି ଯେ କ'ଣ ଆମେ ରୋଜା ରଖୁନାହୁଁ କି । ନମାଜ ପଢୁନାହୁଁ କି । ଇତ୍ୟାଦି ଇତ୍ୟାଦି । କିନ୍ତୁ ଏତିକି କହି ସେମାନେ ମୁତତକୀ ହୋଇପାରିବେ ନାହିଁ । ତକଓ୍ୱା ହେଉଛି ଅଲଗା ଜିନିଷ । ଯେପର୍ଯ୍ୟନ୍ତ ମଣିଷ ଖୁଦାତାଲାଙ୍କୁ ଅଗ୍ରାଧିକାର ଦେଇନାହିଁ ଏବଂ ପ୍ରତ୍ୟେକ ପ୍ରକାରର ମୋହମାୟା ,ତାହା ସାମ୍ପ୍ରଦାୟିକ ହେଉ ବା ନିଜ ଜାତି ସହିତ ହେଉ ବା ବନ୍ଧୁବାନ୍ଧବ ସହିତ ହେଉ ବା ସହରର ବଡ ବଡ ଧନୀ ଲୋକମାନଙ୍କ ସହିତ ହେଉ ,ଯଦି ସେ ସେହି ସମ୍ପର୍କକୁ ଖୁଦାତାଲାଙ୍କ ଭୟ ମନରେ ରଖି ନ ଭାଙ୍ଗିଛି , ଖୁଦାତାଲାଙ୍କ ପାଇଁ ସବୁ ପ୍ରକାରର ଅପମାନକୁ ସହ୍ୟ କରିବାକୁ ପ୍ରସ୍ତୁତ ନ ହୋଇଛି ସେପର୍ଯ୍ୟନ୍ତ ସେ ମୁତତକୀ ନୁହେଁ । ପବିତ୍ର କୁରଆନରେ ଯେଉଁ ବଡ ବଡ ପ୍ରତିଶୃତିମାନ ମୁତତକୀମାନଙ୍କ ନିମନ୍ତେ ରହିଛି ,ତାହା ଏମିତି ମୁତତକୀ ମାନଙ୍କପାଇଁ ଉଲ୍ଲେଖ ରହିଛି ଯେଉଁମାନେ ତକଓ୍ୱାକୁ ଏପରି ସ୍ତରକୁ ନେଇଗଲେ ଯେଉଁପର୍ଯ୍ୟନ୍ତ ସେମାନଙ୍କର ଶକ୍ତି ଥିଲା । ଯେଉଁପର୍ଯ୍ୟନ୍ତ ମଣିଷର ଶକ୍ତି ସହଯୋଗ କଲା ସେମାନେ ଅନବରତ ତକଓ୍ୱା ଉପରେ ପ୍ରତିଷ୍ଠିତ ରହିଲେ । ଏପରିକି ସେମାନଙ୍କ ଶକ୍ତି ବି ହାର ମାନିଗଲା । ପୁଣି ସେମାନେ ଅଲ୍ଲାଃଙ୍କଠାରୁ ଆହୁରି ଶକ୍ତି ମାଗିଲେ । ଯେ **ଇୟାକା ନାବୁଦୁ ଓ୍ୱ ଇୟାକା ନସତଇନ୍** ରୁ ପ୍ରକାଶ ହେଉଅଛି । **ଇୟାକା ନାବୁଦୁ** ଅର୍ଥାତ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁସାରେ ତ ଆମେ କାମ କଲୁଁ ଏବଂ ଗୋଟିଏ ଅବସରକୁ ବି ଆମେ ହାତଛଡା କରିନାହୁଁ । **ଇୟାକା ନସତଇନ୍** ଅର୍ଥାତ୍ ଆମେ ଆଗକୁ ଚାଲିବାପାଇଁ ଆହୁରି ନୂଆ ନୂଆ ଶକ୍ତି ତୁମଠାରୁ ତଲବ କରୁଅଛୁ । ଯେମିତି ହାଫିଜ୍ କହିଛନ୍ତି ''ଜଣେ କବି କହିଛନ୍ତି

''ମାବିଦାଁ ମନଜିଲେ ଆଲୀ ନତଓ୍ୱାନିମ୍ ରସିଦ୍
ହାଁ ଅଗର୍ ଲୁତଫେ ଶୁମା ପେଶ୍ ନିହଦ୍ ଗାମେ ଚନ୍ଦ''

ଅର୍ଥାତ ତୁମ୍ଭର ଦୟା ବିନା ଆମେ ସେହି ମହାନ ଗନ୍ତବ୍ୟ ସ୍ଥଳରେ ପଂହଂଚି ପାରିବୁ ନାହିଁ ।

''ତେଣୁ ମନେରଖ ଯେ ଖୁଦାତାଲାଙ୍କ ନିକଟରେ ମୁତତକୀ (ଅର୍ଥାତ ଧର୍ମପରାୟଣ)ହେବା ଅଲଗା ଓ ଲୋକମାନଙ୍କ ଆଗରେ ମୁତତକୀ ହେବା ଅଲଗା ବିଷୟ । ମସିହ୍ ଆ ସ ଙ୍କ ସମୟରେ ବିରୋଧିମାନଙ୍କର ଯେଉଁ ଦଳମାନ ଗଠନ ହେଉଥିଲା ,ତାହାର କାରଣ ବି ଏଇଆ ହିଁ ଥିଲା ଯେ ସାଧାରଣ ଇହୁଦୀମାନଙ୍କ ନିକଟରେ ଯେଉଁ ଲୋକମାନେ ପ୍ରତିଷ୍ଠିତ ଥିଲେ ତଥା ଧାର୍ମିକ ଭାବରେ ବିବେଚିତ ହୋଇଥିଲେ ସେହି ଲୋକମାନେ ହିଁ ବିରୋଧି ଥିଲେ । ଯଦି ସେମାନେ ବିରୋଧି ହୋଇନଥାନ୍ତେ ତାହେଲେ ଏପରି ଦଳ ଓ ଗୋଷ୍ଠୀ ତିଆରି ହୋଇନଥାନ୍ତା । ଆଁ ହଜରତ ସ ଅ ସଙ୍କ ସମୟରେ ବି ଏପର ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଲକ୍ଷଣତା , କୃପଣତା , କପଟତା ଓ ଛଳନା ତଥା ଲୋକଦେଖାଣିଆ ଓ ମୁହଁଦେଖା ନିଷ୍ପତି ଇତ୍ୟାଦି କଥା ଥିଲା , ଯାହା ସେମନଙ୍କୁ ସତ୍ୟକୁ ଗ୍ରହଣ କରିବା ପାଇଁ ପ୍ରତିବନ୍ଧକ ସାଜିଥିଲେ । ଅତେବ ତକଓ୍ୱା ହେଉଛି ଏକ କଷ୍ଟସାଧ୍ୟ ଜିନିଷ , ଯାହାକୁ ଅଲ୍ଲାଃତାଲା ହିଁ ପ୍ରଦାନ କରିଥାନ୍ତି । ତତସହିତ ସେ ତାହାର ଚିହ୍ନ/ଲକ୍ଷଣ ବି ରଖିଛନ୍ତି । ସତକଥା ହେଉଛି ଏହା କି ଯେବେ ସତ୍ୟ ପ୍ରକାଶ ହୋଇଯାଏ , ଯଦି ଜଣେ ତାହାକୁ ଅବାଧରେ ପ୍ରତ୍ୟାଖ୍ୟାନ କରେ ଓ ସେହିପରି ଯୁକ୍ତିଯୁକ୍ତ ପ୍ରମାଣଗୁଡିକୁ ତଥା ଖୁଦାତାଲାଙ୍କ ନିଦର୍ଶନକୁ ଟାଳିଚଲିଥାଏ , ସେ କଦାପି ମୁତତକୀ ହୋଇପାରିବ ନାହିଁ । ମୁତତକୀ କୁ ଭୟଭୀତ ଓ କମ୍ପିତ ହେବା ଉଚିତ ।''

ହଜରତ୍ ମସିହ ମଉଦ ଆ ସ ନିଜ ଆଗମନ ବିଷୟରେ କୁହନ୍ତି ''କ'ଣ ଦୁନିଆରେ ଏପରି କେବେ ହୋଇଛି ଯେ ଜଣେ ଚବଶି ବର୍ଷ ହେବ ବରାବର ରାତିରେ ଯୋଜନା କରିଚାଲିଥିବ ଓ ସକାଳେ ଖୁଦାତାଲାଙ୍କ ତରଫରୁ ଏ ଖବର ଆଣି କହିଥିବ ଯେ ମତେ ଏହି ଓ୍ୱହି ବା ଏଲ୍‌ହାମ୍ (ସ୍ୱର୍ଗବାଣୀ/ ଐଶୀବାଣୀ) ହୋଇଅଛି ବୋଲି କିନ୍ତୁ ଖୁଦାତାଲା ତାକୁ ଦଣ୍ଡିତ କରିନଥିବେ । ଏମିତି ହେଲେ ତ ଏ ଜଗତ ଅନ୍ଧକାରରେ ବୁଡିଯିବ ଓ ଜୀବଜଗତ ନଷ୍ଟ ହୋଇଯିବ । ମୁତତକୀ ତ ଗୋଟିଏ କଥାରୁ ହିଁ ଲାଭ ଉଠାଇପାରେ କିନ୍ତୁ ଏଠାରେ ତ ହଜାର ହଜାର କଥା ମିଳୁଅଛି । ଏ ଯୁଗ ଅଲଗା ଡାକୁଅଛି । ହଦିସଗୁଡିକ ମିନକୁମ୍ ମିନକୁମ୍ କହିଚାଲିଛି । ସୁରଃ ନୂରରେ ବି ମିନକୁମ୍ ଲେଖାହୋଇଛି । ହୃଦୟର ନିଷ୍ଠୁରତା ଏବଂ ପଶୁମାନଙ୍କ ପରି ଜୀବନ ବିତୁଅଛି ,ତାହା ଅଲଗା କଥା କହୁଅଛି । କୁହାଯାଉଥିଲା ଯେ ଶତାବ୍ଦୀର ପ୍ରରମ୍ଭରେ ଆସିଥାନ୍ତି କିନ୍ତୁ ଏପର୍ଯ୍ୟନ୍ତ ବାଇଶି ବର୍ଷ ବିତିଗଲାଣି । କୁସୁଫ୍ ଓ୍ୱ ଖୁସୁଫ୍(ଚନ୍ଦ୍ରଗ୍ରହଣ ତଥା ସୂର୍ଯ୍ୟପରାଗ) ବି ଅନୁଷ୍ଠିତ ହୋଇସାରିଛି । ପ୍ଲେଗ୍ ମହାମାରୀ ବି ଆସିଗଲାଣି । ହଜ୍ ବି ବନ୍ଦ ହୋଇଗଲା । ଏହି ସବୁ କଥାକୁ ଦେଖି ଯଦି ଏବେ ବି ଲୋକମାନେ ନମାନନ୍ତି ତାହେଲେ ଆମେ କିପରି ଜାଣିବୁ ଯେ ସେମାନଙ୍କ ମଧ୍ୟରେ ତକଓ୍ୱା ଅଛି ବୋଲି । ''ଏହା ହେଉଛି ସେହି ଲୋକମାନଙ୍କୁ ଉତର ଯେଉଁମାନେ ମୁତତକୀ ତଥା ପୂଣ୍ୟବାନ ହେବାର ଦାବି କରିଥାନ୍ତି ପୁଣି ସେମାନେ ହଜରତ୍ ମସିହ ମଉଦ ଆ ସ ଙ୍କ ଉପରେ କୁଫର୍ (ଅର୍ଥାତ ଅବିଶ୍ୱାସୀ ହେବାର)ଫତଓ୍ୱା ଲଗାଇବା କଥା କହିଥାନ୍ତି । ଏହିପରି ଲୋକମାନଙ୍କୁ ମଧ୍ୟ ପ୍ରତାରଣା କରି ଖରାପ କରିଥାନ୍ତି ।

ପୁଣି କହିଲେ''ଆମେ ବାରମ୍ବାର କହିଛୁ ଯେ ଆସ ଏବଂ ଯେଉଁ କଥା ବିଷୟରେ ପ୍ରଶ୍ନ ପଚାରିବାର ତୁମର ଅଧିକାର ଅଛି ତାହା ପଚାରନ୍ତୁ । ହଁ ଏପରି ହେବ ନାହିଁ ଯେ ପବିତ୍ର କୁରଆନ ତ କିଛି କହୁଥିବ କିନ୍ତୁ ତୁମେ ଆଉ କିଛି କହୁଥିବ ଏବଂ ତୁମେ ଏମିତି କଥାକୁ ଉପସ୍ଥାପନ କରୁଥିବ ଯାହା ତାହାର ପରିପନ୍ଥୀ ହୋଇଥିବ । ସଶରୀରେ ସ୍ୱର୍ଗରୁ ମସିହ୍‌ଙ୍କ ଅବତୀର୍ଣ୍ଣ ହେବା କଥା କହୁଅଛ , ତାହା ସେତେବେଳେ ସଠିକ ମଣାଯିବ ଯେବେ ସେ ପ୍ରଥମେ (ଆକାଶକୁ) ଚଢିଥିବେ । ପବିତ୍ର କୁରଆନ୍ ମସିହଙ୍କ ମୃତ୍ୟୁ ହୋଇଥିବା କଥା ବର୍ଣ୍ଣନା କରିଅଛି । କିନ୍ତୁ ଏମାନେ କହୁଛନ୍ତି ଯେ ସେ ଛାତ ଫାଡିକି ଆକାଶକୁ ଚାଲିଗଲା । କ'ଣ ତକଓ୍ୱା ଏହାର ନାମ କି ବିଶ୍ୱାସକୁ ତ୍ୟାଗ କରି ଅନ୍ଧବିଶ୍ୱାସକୁ ଅନୁସରଣ କରାଯାଉ । ପ୍ରକୃତ ତକଓ୍ୱାର ଠିକଣା ପବିତ୍ର କୁରଆନରୁ ମିଳିଥାଏ ,ତାହା ଦେଖିନିଅ ଯେ ତକଓ୍ୱା ଗ୍ରହଣ କରିଥିବା ଲୋକମାନେ କ'ଣ କ'ଣ କାମ କରଛନ୍ତି ।'' (ମଲଫୁଜାତ୍ , ଖ-୦୭,ପୃ-୭୩-୭୬, ଏଡିଶନ୍ ୧୯୮୪)

ତକଓ୍ୱା ପ୍ରସଙ୍ଗରେ ଜମାଅତକୁ ଉପଦେଶ ଦେଇ ଆପଣ ଆ ସ କୁହନ୍ତି :''ଧର୍ମପରାୟଣ ଲୋକମାନଙ୍କ ଉପରେ ଖୁଦାତାଲାଙ୍କର ଏକ ପ୍ରକାଶ ହୋଇଥାଏ । ସେ ଈଶ୍ୱରଙ୍କ ଛତ୍ରଛାୟାରେ ରହିଥାଏ । କିନ୍ତୁ ତକଓ୍ୱା ନିର୍ମଳ ହେବା ଉଚିତ ଓ ସେଥିରେ ଶଇତାନର କିଛି ଅଂଶ ବି ନଥିବା ଉଚିତ । ଅନ୍ୟଥା ସିର୍କ(ବହୁଈଶ୍ୱରବାଦ)ଈଶ୍ୱରଙ୍କୁ ପସନ୍ଦ ନୁହେଁ । ଯଦି କିଛି ଅଂଶ ଶଇତାନର ଥାଏ ତାହେଲେ ଖୁଦାତାଲା କୁହନ୍ତି ଯେ ସବୁକିଛି ଶଇତାନର ହୋଇଯାଏ । ''ପୁଣି କହିଲେ ''......ଆମେ ଆମ ଜମାଅତକୁ କହୁଅଛୁ ଯେ କେବଳ ଏତିକିରେ ହିଁ ଗର୍ବ କରନ୍ତୁ ନାହିଁ ଯେ ଆମେ ତ ନମାଜ ରୋଜା କରିଥାଉଁ ବା ବଡ ବଡ ଅପରାଧ ଉଦାହରଣସ୍ୱରୂପ ବ୍ୟଭିଚାର ଓ ଚୋରି ଇତ୍ୟାଦି କରୁନାହୁଁ । ଏହି ଗୁଣଗୁଡିକରେ ଅଧିକାଂଶ ଅଣ-ସମ୍ପ୍ରଦାୟର ଲୋକମାନେ,ମୁସରିକ୍ ଇତ୍ୟାଦି ତୁମମାନଙ୍କ ସାଥିରେ ସାମିଲ ଅଛନ୍ତି ।'' ଅର୍ଥାତ୍ ସେମାନେ ବି ଏହି କର୍ମ କରୁନାହାନ୍ତି । ''ତକଓ୍ୱାର ବିଷୟବସ୍ତୁ ବହୁତ ସୂକ୍ଷ୍ମ , ତାହାକୁ ହାସଲ କରନ୍ତୁ । ଈଶ୍ୱରଙ୍କ ମହିମାକୁ ହୃଦୟରେ ସାଇତି ରଖ । ଯାହାର କର୍ମରେ କିଛି ବି କପଟୀତା ଥାଏ, ଖୁଦାତାଲା ତାହାର କର୍ମକୁ ତାଉପରେ ଓଲଟାଇ ତା ମୁଁହକୁ ମାରିଥାଏ ।'' ଲୋକଦେଖାଣିଆ କର୍ମ ହେଉନଥିବ । ''ମୁତତକୀ (ଧାର୍ମିକ)ହେବା କଷ୍ଟକର ବ୍ୟାପାର । ଉଦାହରଣସ୍ୱରୂପ ଯଦି କିଏ ତୁମକୁ ଏହା କହେ ଯେ ତୁମେ କଲମ ଚୋରି କରିଛ ତାହେଲେ ତୁମେ କାହିଁକି ରାଗୁଛ ।'' ଛୋଟିଆ କଥା । କିଏ କହିଦେଲା ତୁମେ ମୋର କଲମ ନେଇଯାଇଛ ତାହେଲେ ସେ ରାଗିଯାଏ । ଏହା ଧାର୍ମିକ ଲୋକମାନଙ୍କର ଲକ୍ଷଣ ନୁହେଁ । ଧୈର୍ଯ୍ୟ ତଥା ସାହସ ଦେଖାଇବା ଉଚିତ । କହିଲେ ''ତୁମର ଧର୍ମ କେବଳ ଖୁଦାତାଲାଙ୍କ ପାଇଁ ଉଦ୍ଦିଷ୍ଟ ।'' ତୁମକୁ କ୍ରୋଧରୁ ବଂଚି ରହିବାର ଥିଲା । ସତ୍ୟରେ ନଥିବାରୁ ଏହି କ୍ରୋଧ ହେଲା । ଯେପର୍ଯ୍ୟନ୍ତ ମଣିଷ ଉପରେ ଅନେକ ମୃତ୍ୟୁ ନଆସିଛି, ସେ ମୁତ୍‌ତକୀ(ଅର୍ଥାତ୍ ଧର୍ମପରାୟଣ/ ଧାର୍ମିକ) ହୋଇନଥାଏ । ଐଶିଚମତ୍କାର ଓ ଐଶିବାଣୀ ମଧ୍ୟ ତକଓ୍ୱାର ଶାଖା । ଅସଲ ତକଓ୍ୱା ଅଟେ । ସେଥିଯୋଗୁଁ ତୁମେ ଐଶିବାଣୀ ଏବଂ ସ୍ୱପ୍ନ ପଛରେ ପଡନାହିଁ । ବରଂ ଧର୍ମକୁ ଅନୁସରଣ କର ।'' ଏପରି ନ ହେଉ କି ଅମୁକ ଲୋକକୁ ଏଲହାମ୍ (ଐଶିବାଣୀ)ହେଲା ,ଅମୁକ ଲୋକକୁ ସ୍ୱପ୍ନ ହେଲା । ଦେଖନ୍ତୁ ତକଓ୍ୱା କ'ଣ । ''ଯିଏ ଧର୍ମପରାୟଣ,ତାହାର ଐଶିବାଣୀ ହିଁ ସଠିକ ଏବଂ ଯଦି ତକଓ୍ୱା ନାହିଁ ତାହେଲେ ଏଲହାମାତ୍ (ତାର ଐଶିବାଣୀ)ବି ବିଶ୍ୱାସଯୋଗ୍ୟ ନୁହେଁ । ସେଥିରେ ଶଇତାନର ଅଂଶ ଥାଇପାରେ । କାହାର ତକଓ୍ୱାକୁ ତାହାର ମୁଲହିମ୍ ହେବା ଯୋଗୁଁ ଚିହ୍ନ ନାହିଁ ବରଂ ତାହାର ଏଲହାମ୍(ତାର ଐଶିବାଣୀ)ଗୁଡିକୁ ତା ତକଓ୍ୱା ଆଧାରରେ ଯାଂଚ କର ଏବଂ ମୂଲ୍ୟାଙ୍କନ କର । ଚାରିପଟରୁ ଆଖି ବନ୍ଦ କରି ପ୍ରଥମେ ତକଓ୍ୱାର ମାର୍ଗକୁ ପାରି ହୁଅ । ଯେତେ ବି ନବୀ ଆସିଛନ୍ତି , ସମସ୍ତଙ୍କର ଏ ଉଦ୍ଦେଶ୍ୟ ଥିଲା ଯେ ତକଓ୍ୱାର ମାର୍ଗକୁ ଶିଖାଇବେ । ଇନ୍ ଅଓଲିୟାଉହୁ ଇଲ୍ଲଲ୍ ମୁତତକୁନ୍ (ସୁରଃ ଅନଫାଲ୍ :୩୫)କିନ୍ତୁ ପବିତ୍ର କୁରଆନ୍ ତକଓ୍ୱାର ସୂକ୍ଷ୍ମ ମାର୍ଗକୁ ଶିଖାଇଛି । ସିଦ୍ଧ ନବୀଙ୍କ ପାଇଁ ସିଦ୍ଧ ସମ୍ପ୍ରଦାୟ ଆବଶ୍ୟକ । ଯେହେତୁ ଆଁହଜରତ୍ ସ ଆ ସ ଖାତମୁନ୍ ନବୀୟିନ୍ ଥିଲେ । ସ ଆ ସ । ତେଣୁ ଆଁହଜରତ୍ ସ ଆ ସଙ୍କ ସିଦ୍ଧତା ତହାଙ୍କ ଉପରେ ସମାପ୍ତ ହେଲା । ନବୁଓ୍ୱତର ସିଦ୍ଧତା ଶେଷ ହେବା ସହିତ ହିଁ ଖତ୍‌ମେ ନବୁଓ୍ୱତ ହେଲା । ଯିଏ ଖୁଦାତାଲାଙ୍କୁ ପ୍ରସନ୍ନ କରିବାକୁ ଚାହୁଁଛି ,ଯିଏ ଐଶିଚମତ୍କାର ଦେଖାଇବାକୁ ଚାହୁଁଅଛି ଏବଂ ଅଲୌକିକ ଚମତ୍କାର ଦେଖିବାକୁ ଚାହୁଁଅଛି ,ତାକୁ ଆବଶ୍ୟକ ଯେ ସେ ନିଜ ଜୀବନକୁ ମଧ୍ୟ ଅଲୌକିକ କରୁ । ଦେଖନ୍ତୁ ପରିକ୍ଷାର୍ଥିମାନେ ପରଶ୍ରମ କରି କରି କ୍ଷୟଗ୍ରସ୍ତଙ୍କ ପରି ଅସୁସ୍ଥ ତଥା ଦୁର୍ବଳ ହୋଇଯାଇଥାନ୍ତି । ତେଣୁ ତକଓ୍ୱାର ପରୀକ୍ଷାରେ ଉତୀର୍ଣ୍ଣ ହେବାପାଇଁ ପତ୍ୟେକ ପ୍ରକାରର ଦୁଃଖ ଉଠାଇବା ପାଇଁ ପ୍ରସ୍ତୁତ ହୋଇଯାଅ । ଯେତେବେଳେ ମଣିଷ ଏ ରାସ୍ତାରେ ପାଦ ଥାପେ ସେତେବେଳେ ଶଇତାନ ତାଉପରେ ବଡ ବଡ ଆକ୍ରମଣ କରିଥାଏ । କିନ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ସୀମାରେ ପହଁଚିବା ପରେ ଶଇତାନ ଅଟକି ଯାଇଥାଏ । ତାହା ସେତେବେଳେ ହୋଇଥାଏ ଯେତେବେଳେ ମଣିଷର ନିକୃଷ୍ଟ ଜୀବନ ଉପରେ ମୃତ୍ୟୁ ଆସିଥାଏ ଓ ସେ ଈଶ୍ୱରଙ୍କ ଛାୟାରେ ରହିଥାଏ ।....... ଆମ ଶିକ୍ଷାର ସଂକ୍ଷିପ୍ତ ସାରାଂଶ ହେଉଛି ଏହା କି ମଣିଷ ନିଜର ସମସ୍ତ ଶକ୍ତିକୁ ଈଶ୍ୱରଙ୍କ ପାଇଁ ଉତ୍ସର୍ଗ କରୁ ।'' **(ମଲଫୁଜାତ୍ ,ଖ-୨, ପୃ-୩୦୧-୩୦୨, ଏଡଶନ୍ ୧୯୮୪)**

ବିଭିନ୍ନ ଦିଗରୁ ହଜରତ୍ ମସିହ ମଉଦ ଆ ସ ଆମକୁ ଯେଉଁ ଉପଦେଶାବଳୀମାନ ପ୍ରଦାନ କରିଛନ୍ତି ,ସେସବୁର କିଛି ହଓ୍ୱାଲା ମୁଁ ଏଠାରେ ଉପସ୍ଥାପନ କଲି ଯଦ୍ୱାରା ଆମେ ତକଓ୍ୱାର ଅର୍ଥ ଏବଂ ତାହାର ଗଭୀରତା ଜାଣିପାରିବା । ଯେପରି ହଜରତ୍ ମସିହ ମଉଦ ଆ ସ ଆମକୁ କହିଲେ ଯେ ଆମେମାନେ ଆପଣ ଆ ସଙ୍କ ଜମାଅତରେ ସାମିଲ ହୋଇ ତକଓ୍ୱାର ପ୍ରକୃତ ଆତ୍ମାକୁ ବୁଝି ତାଉପରେ ପରଚାଳିତ ହେବା । ରମଜାନର ଅବଶିଷ୍ଟ ଦିନଗୁଡିକରେ ଆମେ ଯଥାସମ୍ଭବ ତକଓ୍ୱାର ବାସ୍ତବତାକୁ ବୁଝି ହୁକୁକୁଲ୍ଲାଃ ଏବଂ ହୁକୁକୁଲ୍ ଇବାଦ୍‌କୁ ପ୍ରଦାନ କରିପାରିବା । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ଯଦି କେବଳ ନିଜ ଘରର ପୁରୁଷ ଓ ମହିଳାମାନେ ଥିବେ ତା'ହେଲେ କୌଣସି ମହିଳା ଶଦ୍ଦ ଉଚ୍ଚାରଣ କରି ଇମାମ୍‌ଙ୍କୁ ସୁଚିତ କରିପାରିବେ କିନ୍ତୁ ଯଦି ବାହାରର ପୁରୁଷମାନେ ମଧ୍ୟ ଥିବେ ତା'ହେଲେ ଆଁ ହଜୁର ସ:ଆ:ସଙ୍କ ଆଦେଶ ମୁତାବକ ଯଦି ଇମାମ୍‌ଙ୍କର କୌଣସି ଭୂଲ ବା ତ୍ରୁଟି ରହିଯାଏ ତା'ହେଲେ ଏପରି ସ୍ଥଳେ ମହିଳା କେବଳ ତାଳି ମାରିବେ ପାଟିରୁ କୌଣସି ଶଦ୍ଦ ଉଚ୍ଚାରଣ କରିବେ ନାହିଁ ବା ସୁବ୍‌ହାନଲ୍ଲାଃ କହିବେ ନାହିଁ ।

ଯେଉଁ ସରକାରୀ ବ୍ୟାଙ୍କ୍ ବା ଆର୍ଥିକ ପ୍ରତିଷ୍ଠାନଗୁଡିକ ନିଜର ଅର୍ଥକୁ ଜନକଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିଥାନ୍ତି , ଯାହା ଫଳରେ ଦେଶର ନାଗରିକମାନଙ୍କ ପାଇଁ ବିଭିନ୍ନ ହିତକାରୀ ଯୋଜନା ପ୍ରସ୍ତୁତ କରାଯାଇଥାଏ, ଅର୍ଥନୀତିର ବିକାଶ ହୋଇଥାଏ, ଦେଶର ଲୋକମାନଙ୍କ ନିମନ୍ତେ ରୋଜଗାର ସୁଯୋଗ ସୃଷ୍ଟି ହୋଇଥାଏ । ତେଣୁ ଏହିପରି ବ୍ୟାଙ୍କ୍ ବା ଆର୍ଥିକ ପ୍ରତିଷ୍ଠାନଗୁଡିକର ଲାଭକୁ ବ୍ୟକ୍ତିଗତ ରୂପେ ବ୍ୟବହାର କରାଯାଇପାରିବ

## ସୟଦନା ହଜରତ୍ ଅମୀରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ)ଅ ବ ଅ ଙ୍କୁ ପଚରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅନ୍ତର୍ନିହିତ ତଥା ବ୍ୟବହାରିକ ଉତର

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠିରେ ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ଉପଦେଶମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ସେଥିରୁ ଲାଭ ଉଠାଇବା ପାଇଁ ଏଠାରେ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

ଭାଗ ୧୪

ପ୍ରଶ୍ନ:- ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋ ସାକ୍ଷାତକାର ୧୩ ଏପ୍ରିଲ୍ ୨୦୨୧ ମସିହାରେ ହେଲା ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଏକଥା ଜାଣିବାକୁ ଚାହିଁଲି ଯେ, କ'ଣ କୌଣସି ଅନ୍‌ଲାଇନ୍ ସିଷ୍ଟମ ଅର୍ନ୍ତଗତ ତରାଓ୍ୱି ନମାଜ ପଢ଼ାଯାଇପାରିବ କି ? ହଜୁର ଅନଓ୍ୱର ଅ:ବ:ଅ ଏହାର ନିମ୍ନଲିଖିତ ଉତର ପ୍ରଦାନ କରି କହିଲେ,

ଉତର: ଯଦି ମସ୍‌ଜିଦ୍‌ରେ ଓ ମସ୍‌ଜିଦ୍‌ର ପଛପଟେ ଥିବା ଘରଗୁଡ଼ିକ ଗୋଟିଏ ଲୋକେଶନ୍‌ରେ ଥିବେ ଯେମିତି କି ଇସ୍‌ଲାମା ବାଦ୍ ଓ ୟୁକେ ର ମସ୍‌ଜିଦ୍ ମୁବାରକ ଓ ତା ପଛପଟେ ଥିବା କର୍ମଚାରୀମାନଙ୍କର ଘର ରହିଛି, ତା'ହେଲେ ଲାଉଡ୍‌ସ୍ପିକର ଏବଂ ଏଫ୍ ଏମ୍ ରେଡ଼ିଓ ଇତ୍ୟାଦି ଯନ୍ତ୍ର ଜରିଆରେ କେବଳ କୌଣସି ବିବଶତା ହେତୁ ନମାଜ ତରାଓ୍ୱି ଏବଂ ଅନ୍ୟାନ୍ୟ ନମାଜଗୁଡ଼ିକ ପଢ଼ାଯାଇପାରେ । ଯେମିତି କି ଆଜିକାଲି କୋରନା ଭାଇରସ୍ ଯୋଗୁଁ ଅସୁବିଧା ଦେଖାଯାଇଅଛି । କିନ୍ତୁ ଯଦି ମସ୍‌ଜିଦ୍ ଏବଂ ଘର ଗୁଡ଼ିକ ଅଲଗା ଅଲଗା ଲୋକେଶନ୍‌ରେ ଥିବେ ବା ମସ୍‌ଜିଦ୍‌ର ଆଗପଟେ ଘରଗୁଡ଼ିକ ଥିବେ ତାହେଲେ ସେହି ଘର ଗୁଡ଼ିକରେ ରହୁଥିବା ଲୋକମାନେ ମସ୍‌ଜିଦ୍‌ରେ ହେଉଥିବା ନମାଜକୁ ଅନୁସରଣ କରି ନମାଜ ପଢ଼ିପାରିବେ ନାହିଁ ବରଂ ନିଜେ ନିଜ ଘରେ ରହି ନିଜ ଘର ଲୋକମାନଙ୍କ ସହିତ ମିଶି ନିଜର ସାମୁହିକ ନମାଜ ପଢ଼ିପାରିବେ ।

ପ୍ରଶ୍ନ:- ସେହି ସାକ୍ଷାତକାରରେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ନିବେଦନ କଲି ଯେ, ଆଜିକାଲି ଯେଉଁ ଅସୁବିଧା ଚାଲିଛି ଓ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଏପରି ସ୍ଥଳେ ଯଦି ଘରର ଲୋକମାନେ ବାଜମାତ ନମାଜ ପାଠ କରନ୍ତି ତା'ହେଲେ କଣ ମହିଳାମାନଙ୍କ ମଧ୍ୟରୁ କିଏ ବାଜମାତ ନମାଜ ନିମନ୍ତେ ଅକମାତ୍ କହିପାରିବେ, ତତ୍‌ସହି ଯଦି ଇମାମ୍ କିଛି ଭୂଲିଯାଆନ୍ତି ତା'ହେଲେ କଣ ସେଠାରେ ଶଦ୍ଦ ଉଚ୍ଚାରଣ କରିପାରିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ,

ଉତର:- ଯଦି କେବଳ ନିଜ ଘରର ପୁରୁଷ ଓ ମହିଳାମାନେ ଥିବେ ତା'ହେଲେ କୌଣସି ମହିଳା ଶଦ୍ଦ ଉଚ୍ଚାରଣ କରି ଇମାମ୍‌ଙ୍କୁ ସୁଚିତ କରିପାରିବେ କିନ୍ତୁ ଯଦି ବାହାରର ପୁରୁଷମାନେ ମଧ୍ୟ ଥିବେ ତା'ହେଲେ ଆଁ ହଜୁର ସ:ଆ:ସଙ୍କ ଆଦେଶ ମୁତାବକ ଯଦି ଇମାମ୍‌ଙ୍କର କୌଣସି ଭୂଲ ବା ତ୍ରୁଟି ରହିଯାଏ ତା'ହେଲେ ଏପରି ସ୍ଥଳେ ମହିଳା କେବଳ ତାଳି ମାରିବେ ପାଟିରୁ କୌଣସି ଶଦ୍ଦ ଉଚ୍ଚାରଣ କରିବେ ନାହିଁ ବା ସୁବ୍‌ହାନଲ୍ଲାଃ କହିବେ ନାହିଁ ।

ପୁଣି କହିଲେ, ମହିଳାମାନେ ଅକାମତ୍ କରିପାରିବେ ନାହିଁ । ଯଦି ତାଙ୍କ ନିଜ ଘରେ ବି ନମାଜ ପାଠ କରାଯାଉଥାଏ ତା'ହେଲେ ବି ମହିଳାମାନେ ଏକାମତ୍ କହିପାରିବେ ନାହିଁ କାରଣ ଆଁ ହଜୁର ସ:ଆ:ସ ଏହାର ଅନୁମତି ଦେଇନାହାନ୍ତି । ହଜରତ ମସିହ ମଉଦ ଆ:ସଙ୍କ ସମ୍ବନ୍ଧରେ ମଧ୍ୟ ଆସୁଅଛି ଯେ, ସେ ଯେତେବେଳେ କୌଣସି ଅସୁବିଧା ବଶତଃ ନିଜ ଘରେ ନମାଜ ପାଠ କରୁଥିଲେ ଏବଂ ହଜରତ ଅମ୍ମାଜାନ୍ ର:ଅଙ୍କୁ ସେହି ନମାଜରେ ନିଜ ସହିତ ଛିଡ଼ା କରାଉଥିଲେ ସେଠାରେ ଏକଥା ଦେଖିବାକୁ ମିଳେନାହିଁ ଯେ, କେବେ ବି ଆପଣ ଆ:ସ ହଜତର ଅମ୍ମାଜାନ୍ ର:ଅଙ୍କୁ ଅକାମତ୍ କହିବା ପାଇଁ ଆଦେଶ ଦେଇଥିବେ (ହଜରତ ମସିହ ମଉଦ ଆ:ସ ହଜରତ ଅମ୍ମାଜାନ୍ ର:ଅଙ୍କୁ ଯେଉଁ ଅସୁବିଧା ଯୋଗୁଁ ନମାଜରେ ନିଜ ସଙ୍ଗେ ଛିଡ଼ା କରାଉଥିଲେ ସେହି ଅସୁବିଧାକୁ ହଜରତ ଅମ୍ମାଜାନ୍ ର:ଅ ବର୍ଣ୍ଣନା କରିଛନ୍ତି) ତେଣୁ ଅକାମତ୍ ପୁରୁଷ ନିଜେ ହିଁ କହିବେ ପୁଣି ଏହିପରି ଅକାମତ୍ ସମ୍ବନ୍ଧରେ ହଦିସରେ ମଧ୍ୟ ଆସିଅଛି ଯେ, ଆବଶ୍ୟକ ପଡ଼ିଲେ ଇମାମ୍ ନିଜେ ଇକାମତ୍ କହିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ ନିଜର ପବିତ୍ର କଥନରେ ଯେଉଁ ହଦିସ୍ ପ୍ରତି ଇସାରା କରିଛନ୍ତି ତାହା ସୁନନେ ତିର୍‌ମିଜି ପୁସ୍ତକରେ ଅମ୍‌ରୋ ବିନ୍ ଉସ୍‌ମାନ୍ ବିନ୍ ୟାଲି ବିନ୍ ମର୍‌ହା ର:ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯାହାକୁ ସେ ନିଜ ବାପାଙ୍କଠାରୁ ଏବଂ ତାଙ୍କ ଜେଜ(ହଜରତ ୟାଲି ବିନ୍ ମର୍‌ରାଃ ର:ଅ)ଙ୍କଠାରୁ ରିଓ୍ୱାୟତ କରିଛନ୍ତି ଯେ, ସେମାନେ ନବୀ ଅକ୍‌ରମ୍ ସ:ଆ:ସଙ୍କ ସହିତ ଗୋଟିଏ ଯାତ୍ରାରେ ଥିଲେ । ଯେତେବେଳେ ସେମାନେ ଗୋଟିଏ ସଂକୀର୍ଣ୍ଣ ସ୍ଥାନରେ ପହଂଚିଲେ ସେତେବେଳେ ନମାଜ ପଢ଼ିବାର ସମୟ ହୋଇଗଲା ଉପରୁ ଆକାଶରୁ ବର୍ଷା ବରସିବା ଲାଗିଗଲା, ତଳ ଭୂଇଁ କାଦୁଅ ହୋଇଗଲା ତେଣୁ ରସୁଲୁଲ୍ଲାଃ ସ:ଆ:ସ ନିଜ ବାହନ ଉପରେ ବସି ଅଜାନ୍ ଦେଲେ ଏବଂ ଅକାମତ୍ ମଧ୍ୟ କହିଲେ । ପୁଣି ହଜୁର ସ:ଆ:ସ ନିଜ ବାହାନଟିକୁ ଆଗକୁ ବଢ଼ାଇଲେ ଏବଂ ଇସାରା କରି ସେମାନଙ୍କୁ ନମାଜ ପଢ଼ାଇଲେ । ମହାଭାଗ ସ:ଆ:ସ ସିଜ୍‌ଦାଃ ଏବଂ ରୁକୁରେ ଅଧିକ ନଇଁ ଯାଉଥିଲେ (*ଜାମେ ତିର୍‌ମିଜ୍ କିତାବୁସ୍ ସଲାତ୍ .............*)

ପ୍ରଶ୍ନ:- ଆରବ ଦେଶରୁ ଆଉ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଲେଖି ଏ କଥା ଜାଣିବାକୁ ଚାହିଁଲେ ଯେ, ମିଲ୍‌କେ ୟମିନ୍‌ର ଅର୍ଥ କ'ଣ । ତଲାକ୍‌ର ସଠିକ୍ ସର୍ତାବଳୀ ସବୁ କ'ଣ । ଯଦି ଏକା ଥରକେ ମୁହଁରେ ତଲାକ କହି ଦେବା ଦ୍ୱାରା କେଉଁ ପ୍ରକାର ତଲାକ୍ ର ନିର୍ଦ୍ଦେଶ ରହିଛି ? ନିଜର ଚିଠି ୧୪ ଜାନୁୟାରୀ ୨୦୨୦ ମସିହାରେ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ପ୍ରଦାନ କରିଛନ୍ତି ।

ଉତର:- ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ, ଯେତେବେଳେ ଇସ୍‌ଲାମ୍‌ର ଶତ୍ରୁମାନେ ମୁସଲମାନମାନଙ୍କୁ ନାନା ପ୍ରକାରର ଅତ୍ୟାଚାର କରୁଥିଲେ, ଯଦି କୌଣସି ଗରିବ ଅସହାୟ ମୁସଲମାନଙ୍କ ପତ୍ନି ସେମାନଙ୍କ ହାତରେ ଲାଗିଯାଉଥିଲା ତା'ହେଲେ ସେମାନେ ତାକୁ କ୍ରୀତଦାସୀ ଭାବରେ ନିଜ ପତ୍ନିମାନଙ୍କ ମଧ୍ୟରେ ସାମିଲ କରିନେଉଥିଲେ । ଅତଏବ **ଯଜାଉ ସୟିଅତିନ୍ ସୟିଅତୁନ୍ ମିସ୍‌ଲୁହା** ର ପବିତ୍ର କୁର୍‌ଆନ୍ ଶିକ୍ଷା ମୁତାବକ ଶତ୍ରୁପକ୍ଷଙ୍କର ମହିଳାମାନେ ଯେଉଁମାନେ ଇସ୍‌ଲାମ୍ ଉପରେ ଆକ୍ରମଣ କରିବାକୁ ଆସିଥିବା ସୈନ୍ୟମାନଙ୍କ ସହିତ, ସେମାନଙ୍କୁ ସାହାଯ୍ୟ କରିବାକୁ ଆସିଥାନ୍ତି, ଏବଂ ସେ ଯୁଗରେ ଯୁଦ୍ଧ ନୀତି ମୁତାବକ ସେମାନଙ୍କୁ କ୍ରୀତଦାସୀ ଭାବରେ ବନ୍ଦି କରିନିଆଯାଉଥିଲା । ପୁଣି ଶତ୍ରୁପକ୍ଷଙ୍କ ସେହି ମହିଳାମାନେ କ୍ଷତି ପୂରଣ ପ୍ରଦାନ କରି ବା ମକ୍ତାତିବତ୍ (ଅର୍ଥାତ କିସ୍ତିରେ ଅର୍ଥ ପଇଠ କରିବା ନିମନ୍ତେ ଚୁକ୍ତି ଲେଖା) ଅନୁସାରେ ଯଦି ନିଜକୁ ସ୍ୱାଧିନ କରିଥାନ୍ତି, ଯେହେତୁ ସେ ଯୁଗରେ ଏପରି ଯୁଦ୍ଧ ବନ୍ଦୀ ମାନଙ୍କୁ ରଖିବା ପାଇଁ କୌଣସି ସରକାରୀ ଜେଲ୍‌ଖାନା ଇତ୍ୟାଦି ନଥିଲା, ତେଣୁ ସେମାନଙ୍କୁ ସେହି ସୈନ୍ୟଦଳରେ ଥିବା ସେନାମାନଙ୍କ ମଧ୍ୟରେ ବାଂଟି ଦିଆଯାଉଥିଲା । ଇସ୍‌ଲାମୀୟ ଶିକ୍ଷା ମୁତାବକ ସେହି ମହିଳାମାନଙ୍କୁ ମିଲ୍‌କେ ୟମିନ୍ କୁହାଯାଇଥାଏ ।

ଏତଦ୍‌ବ୍ୟତିତ ମିଲ୍‌କେ ୟମିନ୍ ପ୍ରସଙ୍ଗରେ ଏ କଥା ବି ମନେରଖିବା ଉଚିତ ଯେ, ଶତ୍ରୁମାନଙ୍କ ମହିଳାମାନଙ୍କ ସହିତ ଏଭଳି ବ୍ୟବହାର କରିବାକୁ ଅନୁମତି ଦେଇନାହି ଯେ, କେବଳ ଏହି କାରଣ ଯୋଗୁଁ କି ସେମାନେ ହେଉଛନ୍ତି ଶତ୍ରୁମାନଙ୍କ ପକ୍ଷର ଏବଂ ସେହି ମହିଳାମାନଙ୍କୁ ଧରି ଆଣ ଓ ନିଜର କ୍ରୀତଦାସୀ ବନେଇଦିଅ । ବରଂ ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏହା ଯେ, ଯେଉଁ ପର୍ଯ୍ୟନ୍ତ ରକ୍ତପାତର ଏକ ଯୁଦ୍ଧ ନ ହୋଇଛି ସେ ପର୍ଯ୍ୟନ୍ତ କାହାକୁ ବି ବନ୍ଦୀ କରାଯାଇପାରିବ ନାହିଁ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି **ମାକାଆନା ଲିନବ୍‌ୱିନ୍ ............... ଅଜିଜୁନ୍ ହକିମ୍ (ସୁରାଃ ଅନ୍‌ଫାଲ୍:୬୮)** ଅର୍ଥାତ କୌଣସି ନବୀ ପାଇଁ ଏହା ବୈଧ କରାଯାଇନାହିଁ ଯେ, ସେ ଭୂପୃଷ୍ଠରେ ରକ୍ତପାତ ମୂଳକ ଯୁଦ୍ଧ କରିବା ବିନା କାହାକୁ ବନ୍ଦୀ କରୁ । ତୁମମାନେ ସାଂସାରିକ ଭୋଗବିଳାସ ଚାହୁଁଅଛ ଯେବେ କି ଅଲ୍ଲାଃ ତାଲାର ଅଖିରତ୍ (ଅର୍ଥାତ ପରକାଳ) କୁ ପସନ୍ଦ କରିଥାନ୍ତି ଏବଂ ଅଲ୍ଲାଃ ହେଉଛନ୍ତି ପରମ ପ୍ରତାପି (ଏବଂ) ସର୍ବଜ୍ଞ ।

ଏଠାରେ ରକ୍ତପାତମୂଳକ ଯେଉଁ ଯୁଦ୍ଧର ସର୍ତ ଲଗାଯାଇଅଛି ଏପରି ସ୍ଥଳେ ଯୁଦ୍ଧ ଭୂମିରେ କେବଳ ସେହି ମହିଳାମାନଙ୍କୁ ବନ୍ଦି କରାଯାଉଥିଲା ଯେଉଁମାନେ ଯୁଦ୍ଧ କରିବା ପାଇଁ ସେଠାରେ ମହଜୁଦ୍ ରହୁଥିଲେ । ଏଥିପାଇଁ ସେମାନେ କେବଳ ମହିଳା ନଥିଲେ ବରଂ ଶତ୍ରୁପକ୍ଷଙ୍କ ତରଫରୁ ଯୁଦ୍ଧ କରିବାପାଇଁ ଆସିଥିବା ଯୁଦ୍ଧଖୋର୍ ମହିଳା ଥିଲେ ।

ଅତଏବ ଇସ୍‌ଲାମ୍ ମଣିଷକୁ କ୍ରୀତଦାସୀ ବା କ୍ରୀତଦାସ କରିବା ସପକ୍ଷରେ କଦାପି ନାହିଁ । ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ, ସେ ସମୟର ବିଶେଷ ପରିସ୍ଥିତିରେ ବାଧ୍ୟ ହୋଇ ଏହାର ଅନୁମତି ଦିଆଯାଇଥିଲା କିନ୍ତୁ ଇସ୍‌ଲାମ୍ ଏବଂ ଆଁ ହଜରତ ସ:ଆ:ସ ବହୁତ ବୁଦ୍ଧିମତାର ସହିତ ସେହି ମହିଳାମାନଙ୍କୁ ବି ସ୍ୱାଧିନ କରିଦେବା ପାଇଁ ଉତ୍ସାହିତ କରିଛି । ଯେପର୍ଯ୍ୟନ୍ତ ସେମାନେ ନିଜେ ନିଜକୁ ସ୍ୱାଧିନ କରିବାକୁ ଚେଷ୍ଟା କରୁନଥିଲେ ବା ସେମାନଙ୍କୁ ସ୍ୱାଧିନ କରିଦିଆଯାଉନଥିଲା, ସେମାନଙ୍କ ସହିତ ଉତମ ବ୍ୟବହାର ଏବଂ ଅନୁଗ୍ରହ ପୂର୍ବକ ବ୍ୟବହାର କରିବା ପାଇଁ ତାଗିଦ୍ କରିଅଛି ।

ଯେତେବେଳେ ସେହି ବିଶେଷ ପରିସ୍ଥିତି ଶେଷ ହୋଇଗଲା ଏବଂ ରାଷ୍ଟ୍ରିୟ ନିୟମକାନୁନ୍‌ର ନୂତନ ରୂପରେଖ ଗ୍ରହଣ କରାଗଲା, ଯେମିତି କି ଏବେ, ଏ ପ୍ରଥା ପ୍ରଚଳିତ, ତା' ହେଲେ ତା ସହିତ ହିଁ କ୍ରୀତଦାସୀ ତଥା କ୍ରୀତଦାସ ଅଧିଗ୍ରହଣ କରିବାର ବୈଧିତ୍ୟା ମଧ୍ୟ ଶେଷ ହୋଇଗଲା । ଏବେ ଇସ୍‌ଲାମି ଶରିୟତ ଅନୁସାରେ କ୍ରୀତଦାସୀ ବା କ୍ରୀତଦାସ ରଖିବାର କୌଣସି ପ୍ରକାରର ଅନୁମତି ନାହିଁ ବରଂ ହକମ୍ ୱ ଅଦଲ୍ (ଅର୍ଥାତ ନ୍ୟାୟ ଓ ନିଷ୍ପତି ପ୍ରଦାନକାରୀ) ହଜରତ ମସିହ ମଉଦ ଆ:ସ ଏବଂ ଆଜିକାଲିର ଏହି ପରିସ୍ଥିତିରେ ତାହାକୁ ହରାମ୍ (ଅର୍ଥାତ ଅବୈଧ) ଭାବରେ ଅଭିହିତ କରିଛନ୍ତି ।

ତଲାକ୍‌ର ଯେଉଁ ସର୍ତାବଳୀ ଅଛି ତା ହେଉଛି ଏପରି କି ଯେବେ କୌଣସି ବ୍ୟକ୍ତି ନିଜ ପତ୍ନୀକୁ ସମ୍ପୁର୍ଣ୍ଣ ହୋସ୍ ତଥା ସଚେତନ ଅବସ୍ଥାରେ ନିଜ ଇଚ୍ଛା ମୁତାବକ ତଲାକ୍ ଦିଏ ତା'ହେଲେ ସେହି ତଲାକ୍ ମୌଖିକ ହେଉ ଅବା ଲିଖିତ, ଉଭୟ ସ୍ଥଳେ ପ୍ରଭାବି ହେବ ।

ସେହିପରି ଥରେମାତ୍ର ମୌଖିକରେ କୁହାଯାଇଥିବା ତଲାକ୍ ମଧ୍ୟ ତଲାକ୍‌ରେ ଗଣନା ହେବ ଯେବେକି ଇଦ୍ଦତ୍ (ଅର୍ଥାତ ଧାର୍ଯ୍ୟ ସମୟ ସୀମା) ମଧ୍ୟରେ ସ୍ୱାମୀଙ୍କୁ ପତ୍ନୀଙ୍କ ନିକଟକୁ ଫେରିଯିବାର ଅଧିକାର ରହିଛି କିନ୍ତୁ ସର୍ତ ହେଉଛି ଏହା ଯେ, ତୃତୀୟ ତଲାକ ହୋଇନଥିବ । କାରଣ ତୃତୀୟ ତଲାକ୍ ପରେ ନଅ ଇଦ୍ଦତ୍ ସମୟରେ ରୁଜୁ ହୋଇପାରିବ ଓ ନା ନୂଆ ନିକାହ୍ ହୋଇପାରିବ, ଯେ ପର୍ଯ୍ୟନ୍ତ ହକ୍‌କା ତନ୍‌କିହା ଜଉଦ୍ ଜନ୍ ଗୈରହୁ ସର୍ତପୂରଣ ନ ହୋଇଛି ଅର୍ଥାତ ତା' ର ସେହି ପତ୍ନୀ ଅନ୍ୟ କୌଣସି ପୁରୁଷକୁ ବିବାହ କରୁ ତା'ପରେ ପୁଣି ସ୍ୱାମୀ ସ୍ତ୍ରୀ ଦୁହିଁଙ୍କର ଦାମ୍ପତ୍ୟ ଜୀବନ ଅତିବାହିତ କରିବା ପରେ ସେଠାରୁ ବିନା କୌଣସି ଯୋଜନାରେ ଯଦି ସ୍ୱତଃପ୍ରୃତ ଭାବରେ ତଲାକ୍ ବା ଖୁଲା ଜରିଆରେ ଭାଗ ଭାଗ ହୋଇଯାଏ ବା ତା ସ୍ୱାମୀର ଦେହାନ୍ତ ହୋଇଯାଏ ତା'ହେଲେ ସେହି ମହିଳା ତା'ର ପ୍ରଥମ ସ୍ୱାମୀ ସହିତ ବିବାହ କରିପାରିବ ।

ଗୋଟିଏ ସମୟରେ ତିନିତ ଦିଆଯାଇଥିବା ତଲାକ କେବଳ ଗୋଟିଏ ତଲାକକୁ ହିଁ ଗଣନା ହୋଇଥାଏ । ସୁତରାଂ ହଦିସ୍‌ରେ ହଜୟରତ ରକନା ବିନ୍ ଅବ୍ ଅବ୍‌ଦେ ୟଜିବ୍ ବିନ୍ ର:ଅଙ୍କର ଗୋଟିଏ ଘଟଣା ମିଳୁଛି ଯେ ସେ ତାଙ୍କ ପତ୍ନୀଙ୍କୁ ଗୋଟିଏ ସମୟରେ ହିଁ ତିନିଥର ତଲାକ୍ ଦେଇ ଦେଇଥିଲେ । ଏଥିରେ ସେ ପରେ ବହୁତ ଦୁଃଖ ଅନୁଭବ ଓ ପଶ୍ଚାତାପ କରିଥିଲେ । ଯେତେବେଳେ ଏହି ମାମଲା ଆଁ ହଜରତ ସ:ଆ:ସଙ୍କ ନିକଟରେ ପଡ଼ିଲା ସେତେବେଳେ ଆଁ ହଜରତ ସ:ଆ:ସ କହିଲେ, ଏହିଭଳି ପରିସ୍ଥିତିରେ ଗୋଟିଏ ତଲାକ୍ ହିଁ ହୋଇଥାଏ । ଯଦି ତୁମେ ଚାହଁ ତା'ହେଲେ ତୁମ ପତ୍ନୀଙ୍କ ପାଖକୁ ଫେରି ଯାଅ । ଅତଏବ ସେ ନିଜ ପତ୍ନୀଙ୍କ ଦେଇଥିବେ ତଲାକ୍‌କୁ ଫେରାଇଦେଲେ ଏବୁ ପୁଣି ସେହି ପତ୍ନୀଙ୍କୁ ହଜର ଉମର ର:ଅଙ୍କ ଖିଲାଫତ ସମୟରେ ଦ୍ୱିତୀୟ ତଲାକ୍ ଏବଂ ହଜରତ ଉସମାନ୍ ର:ଅଙ୍କ ଖିଲାଫତ୍ ସମୟରେ ତୃତୀୟ ତଲାକ୍ ଦେଇଥିଲେ । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍........... ହଦିସ୍ ନଂ ୨୨୬୬)*

**ପ୍ରଶ୍ନ-** ଆଉ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ ବ ଅଙ୍କ ଗୋଚରେ ଜମଲ୍ ଯୁଦ୍ଧରେ ଶହୀଦ ହୋଇଯାଇଥିବା ଲୋକମାନଙ୍କ ପଦମର୍ଯ୍ୟାଦା ସମ୍ପର୍କରେ ମହିଳାମାନଙ୍କ ଅର୍ଦ୍ଧ ସାକ୍ଷ୍ୟକୁ ଆଖି ଆଗରେ ରଖି ହଜରତ ଆଇଶା ର ଅଙ୍କଠାରୁ ବର୍ଣ୍ଣିତ ହୋଇଥିବା ହଦିସ୍‌ଗୁଡ଼ିକର ସ୍ଥିତି ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ତତ୍ ସହିତ ଟ୍ରାନ୍ସଜେଣ୍ଡରମାନଙ୍କ ୱିରାସତ୍ ଅର୍ଥାତ ପୈତୃକ ସମ୍ପତିରୁ ଭାଗ ପାଇବା ଏବଂ ସେମାନଙ୍କର ସାକ୍ଷ୍ୟ ସମ୍ବନ୍ଧରେ କିପ୍ରକାରର ବ୍ୟବସ୍ଥା ରହିଛି ଜାଣିବାକୁ ଚାହିଁଲେ । ହଜୁର ଅନଓ୍ୱର ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ରେ ଉପରୋକ୍ତ ପ୍ରଶ୍ନଗୁଡ଼ିକର ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:** ଜମଲ୍ ଯୁଦ୍ଧର ବାସ୍ତବିକତା ହେଉଛି ଏହା ଯେ, ତାହାର ସମସ୍ତ କାର୍ଯ୍ୟକ୍ରମ ପଛରେ ସେହି ବିଭ୍ରାଟକାରୀ ଓ ଖଳ ଲୋକମାନଙ୍କର ହାତ ଥିଲା, ଯେଉଁମାନେ ହଜରତ ଉସ୍‌ମାନ୍ ର ଅଙ୍କୁ ହତ୍ୟା କରିବା ପରେ ମଦିନାକୁ କବ୍‌ଜା କରିନେଇଥିଲେ ଏବଂ ଏହି ଯୁଦ୍ଧ ମଧ୍ୟ ସେହି ବିଭ୍ରାଟକାରୀ ଲୋକମାନେ ଦୁଇଟି ମୁସଲମାନ ଦଳମାନଙ୍କ ମଧ୍ୟରେ ଭୁଲ ବୁଝାମଣା ସୃଷ୍ଟି କରାଇ ଯୁଦ୍ଧ କରାଇଥିଲେ । ସେ ଯୁଗର ଇତିହାସ ଓ ଆମର ଏହି ଯୁଗର ଇତିହାସ ମଧ୍ୟରେ ଶହ ଶହ ବର୍ଷ ପରଦା ପଡ଼ିଯାଇଛି । ଅନେକ ସଂଶୟପୂର୍ଣ୍ଣ କଥା ତଥା ରିୱାୟତଗୁଡ଼ିକ ପ୍ରତିବନ୍ଧକ ସାଜିଛନ୍ତି । ପୁଣି ଅନେକ ପ୍ରକାରର ସଂଶୟ ଜାଣିଶୁଣି ମଧ୍ୟ ସେଥିରେ ପ୍ରବେଶ କରାଯାଇଅଛି ।

କିନ୍ତୁ ସ୍ଥାୟୀ ବାସ୍ତବିକତା ହେଉଛି ତାହା ଯାହାକୁ ପବିତ୍ର କୁର୍‌ଆନ୍ ବର୍ଣ୍ଣନା କରିଅଛି । ତାହା ହେଉଛି ଏହା କି ଅଲ୍ଲାଃ ତାଲା ରସୁଲୁଲ୍ଲାଃ ସ ଆ ସଙ୍କ ସାହାବି ଏବଂ ସୁକର୍ମ କରି ଓ ତାଙ୍କ ଅନୁସରଣକାରୀ ସମ୍ପର୍କରେ ସମ୍ବନ୍ଧରେ **ରଜିୱଲାହୁ ଅନୁହୁମ୍ ୱରଜୁ ଅନୁହୁ** ପରି ଅନୁକରଣୀୟ ଓ ସୁନ୍ଦର ଶବ୍ଦ ବ୍ୟବହାର କରିଛନ୍ତି ଓ ପରେ ଆସିବାକୁ ଥିବା ଲୋକମାନଙ୍କ ଗୁଣ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ଯେ ସେମାନେ ଏହି ଲୋକମାନଙ୍କ ସମ୍ବନ୍ଧରେ ଏ ପ୍ରାର୍ଥନା କରିଥାନ୍ତି ଯେ, **ରବ୍‌ନଗ୍‌ଫିର୍‌ଲନା ୱଲି ଇଖ୍‌ୱାନିନା.......... ଲିଲ୍ ଲଜିନା ଆମନୁ** ଅର୍ଥାତ ହେ ଆମ୍ଭର ପାଳନକର୍ତା ! ଆମକୁ କ୍ଷମା ପ୍ରଦାନକର ଏବଂ ଆମର ସେହି ଭାଇମାନଙ୍କୁ ମଧ୍ୟ କ୍ଷମା ପ୍ରଦାନ କର ଯେଉଁମାନେ ବିଶ୍ୱାସ ଆଣିବାରେ ଆମମାନଙ୍କଠାରୁ ଆଗକୁ ବଳିଗଲେ । ଓ ଆମ ହୃଦୟରେ ସେହି ଲୋକମାନଙ୍କ ପାଇଁ ଯେଉଁମାନେ ବିଶ୍ୱାସରେ ଆମମାନଙ୍କଠାରୁ ଆଗକୁ ବଢ଼ିଯାଇଛନ୍ତି, କୌଣସି ପ୍ରକାରର ଖରାପ ଧାରଣା ରହିବାକୁ ଦିଅନାହିଁ ।

ଅତଏବ ଏପରି ସୁନ୍ଦର ସାକ୍ଷ୍ୟର ଅବସ୍ଥିତିରେ ଆମେ ନିଶ୍ଚିତ ରୂପେ ଏହା କହିପାରିବା ଯେ, ଏହି ଯୁଦ୍ଧରେ ମୁନାଫିକ୍‌ମାନଙ୍କ ଅର୍ଥାତ ବିପଥଗାମୀମାନଙ୍କ ଦୁଷ୍ଟାମି ଓ ଧୋକାର ସ୍ୱୀକାର ହୋଇ ଦୁଇ ତରଫରୁ ଶହୀଦ ହୋଇଥିବା ଲୋକମାନେ ନିଶ୍ଚିତ ରୂପେ ନିରୀହ ଥିଲେ । ଯେଉଁମାନଙ୍କ ସମ୍ବନ୍ଧରେ ଆମକୁ କୌଣସି ଅକ୍ତିୟାର ନାହିଁ ଯେ ଆମେ ସେମାନଙ୍କ ଉପରେ ହାକିମ୍ ହୋଇ କୌଣସି ଫତୱା ଜାରି କରିବା ଯେ, ସେମାନଙ୍କର କଣ ସ୍ଥାନ ଥିଲା ।

ମହିଳାମାନଙ୍କର ସାକ୍ଷ୍ୟ ଦେବା ସମ୍ବନ୍ଧରେ ଏକଥା ଭାବିବା ଠିକ୍ ନୁହେଁ ଯେ ସେମାନଙ୍କର ସାକ୍ଷ୍ୟ ହେଉଛି ଅଧା । ଏପରି କିଛି ବିଷୟ ରହିଛି ଯେଉଁଥିରେ ମହିଳମାନଙ୍କୁ ଦୈନନ୍ଦିନ ଜୀବନରେ କୌଣସି ପ୍ରକାରର ସମ୍ବନ୍ଧ ନାହିଁ ଯଦି ସେହିସବୁ ମାମଲାରେ ମହିଳାମାନଙ୍କର ସାକ୍ଷ୍ୟଗ୍ରହଣ କରିବାକୁ ବାଧ୍ୟ କରାଯାଏ ,ତାହେଲେ ପବିତ୍ର କୁରଆନ୍ ଏ ମାର୍ଗଦର୍ଶନ କରିଛି ଯେ ସାକ୍ଷ୍ୟ ଦେବାକୁ ଥିବା ମହିଳା ସହିତ ଆଉ ଜଣେ ମହିଳାଙ୍କୁ ସାମିଲ୍ କରାଯାଉ । (ଯେହେତୁ ଏହି ମାମଲାଗୁଡିକର ସମ୍ବନ୍ଧ ମହିଳାମାନଙ୍କ ସହିତ ନାହିଁ ତେଣୁ)ଯଦି ସାକ୍ଷ୍ୟ ଦେଉଥିବା ମହିଳାଜଣକ କୌଣସି କାରଣରୁ ଭୂଲିଯାଏ ତାହେଲେ ଦ୍ୱିତୀୟ ମହିଳାଜଣକ ତାକୁ ମନେପକାଇଦେବ । ନଚେତ ସେହି ଏକାକୀ ମହିଳାର ସାକ୍ଷ୍ୟ ହିଁ ଗଣନା କରାଯିବ ।

ଏବଂ ଯେଉଁ ମାମଲାଗୁଡିକର ସମ୍ବନ୍ଧ ବିଶେଷ ଭାବରେ ମହିଳାମାନଙ୍କ ସହିତ ରହିଛି ,ସେଥିରେ ସେହି ଏକାକୀ ମହିଳାର ସାକ୍ଷ୍ୟ ଉପରେ ପବିତ୍ର ରସୁଲୁଲ୍ଲାଃ ସ ଆ ସ ନିଷ୍ପତି କରିଛନ୍ତି । ଅତଃ ସହି ବୁଖାରୀରେ ଏହି ହଦିସ ଆସିଛି ଯେ ହଜରତ୍ ଅକବା ବିନ୍ ହାରିସ୍ ର ଅ ଜଣେ ମହିଳାଙ୍କୁ ବିବାହ କରିଥିଲେ । ଏଥିରେ ଜଣେ ସାଧାରଣ ମହିଳା ଆସି କହିଲେ ଯେ ସେ ଏହି ବିବାହ କରୁଥିବା ଦମ୍ପତି ଦ୍ୱୟକୁ ଖୀର ପାନ କରାଇଛି । ସ୍ୱାମୀଙ୍କର ସେହି ମହିଳାଙ୍କଠାରୁ ଖୀରପାନ କରିବା ବିଷୟ ଜାଣିନଥିବ କଥା କହିବା ସତ୍ୱେ ମଧ୍ୟ ମହାଭାଗ ସ ଆ ସ ସେହି ସ୍ୱାମୀ ସ୍ତ୍ରୀ ଦ୍ୱୟଙ୍କୁ ଅଲଗା କରାଇଦେଲେ ।

ଯେଉଁଠି ମୁଖନ୍ନସ୍ ଅର୍ଥାତ୍ ଟ୍ରାନ୍ସଜେଣ୍ଡର୍‌ମାନେ ପୈତୃକ ସମ୍ପତିରୁ ଭାଗ ପାଇବା କଥା ଉଠୁଛି ,ଏ ସମ୍ବନ୍ଧରେ ତାହାର ସମାଧାନ ହେଉଛି ଏହା କି ସେହି ଟ୍ରାନ୍ସଜେଣ୍ଡର୍ ବ୍ୟକ୍ତିର ଲକ୍ଷଣ ଯେଉଁ ଆଡକୁ ଅଧିକା ଥିବ,(ଅର୍ଥାତ୍ ପୁରୁଷର ଲକ୍ଷଣ ଯଦି ଅଧିକା ଥାଏ ବା ନାରୀର ଲକ୍ଷଣ ଅଧିକା ଥାଏ)ତାହେଲେ ତାମୁତାବକ ତାକୁ ପୈତୃକ ସମ୍ପତିରୁ ଭାଗ ମିଳିବ । ଯଦି ତାଠରେ ପରୁଷର ପ୍ରତୀକ ଗୁଡିକ ପ୍ରଧାନ୍ୟ ଥାଏ ତାହେଲେ ତାକୁ ପୁରୁଷର ଭାଗ ମିଳିବ । ଯଦି ତାଠାରେ ନାରୀର ପ୍ରତୀକ ଗୁଡିକ ର ପ୍ରାଧାନ୍ୟ ଥାଏ ତାହେଲେ ତାକୁ ନାରୀପାଇଁ ଧାର୍ଯ୍ୟଥିବା ସମ୍ପତିର ଭାଗ ମିଳିବ । ଯଦି ଦୁଇପ୍ରକାରର ଲକ୍ଷଣ (ପ୍ରତୀକ)ସମାନ ଥାଏ ତାହେଲେ ହଜରତ୍ ଇମାମ୍ ଅବୁ ହନିଫା ର ଅ ଙ୍କ ଫତଓ୍ୱା ମୁତାବକ ତାକୁ ଦୁଇଜଣଙ୍କର ଭାଗ ମଧ୍ୟରୁ ଯାହାର ଭାଗ ସାନ(ଛୋଟ),ସେହି ସାନ ଭାଗଟି ମିଳିବ ।

ପ୍ରଶ୍ନ -ଜଣେ ବନ୍ଧୁ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରେ ଲେଖି ଏକଥା ଜାଣିବାକୁ ଚାହିଁଲେ ଯେ କ'ଣ ଧର୍ମ ଜଗତରେ ଚାଳିଶ ସଂଖ୍ୟାର କୌଣସି ମହତ୍ୱ ରହଛି ? ହଜୁର୍ ଅନଓ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ମସିହାରେ ଏ ପ୍ରଶ୍ନର ଉତର ନିମ୍ନ ଲିଖିତ ପ୍ରଦାନ କରିଛନ୍ତି ।

ଉତର -ପବିତ୍ର କୁରଆନ୍ ତଥା ହଦିସମାନଙ୍କର ଅଧ୍ୟୟନ କରିଲେ ଏକଥା ଜଣା ପଡୁଛି ଯେ ଶାରୀରିକ ପରିପକ୍ୱତା ଏବଂ ଆଧ୍ୟାତ୍ମିକ ପୂର୍ଣ୍ଣତା ନିମନ୍ତେ ଚାଳିଶ ସଂଖ୍ୟାର ବିଶେଷ ପ୍ରାସଙ୍ଗିକତା ରହିଛି । ସୁତରାଂ ପବିତ୍ର କୁରଆନ୍ ରେ ଅଲ୍ଲାଃତାଲା ମନୁଷ୍ୟର ଜନ୍ମ ବିଷୟରେ କୁହନ୍ତି :-**ହତ୍ତା ଇଜା ବଲଗା ଅଶୁଦ୍ଦହୁ ଓ୍ୱ ବଲଗା ଅରବଇନା ସନାଃ** ଅର୍ଥାତ୍ ଯେବେ ସେ ନିଜର ପରିପକ୍ୱତା ବୟସରେ ପହଂଚିଲା ଏବଂ ଚାଳିଶ ବର୍ଷର ହୋଇଗଲା ।

ହଜରତ ମୁସା ଆ ସ ଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି :- **ଓ୍ୱ ଓ୍ୱାଅଦନା ମୁସା ସଲାସିନା ଲୈଲତନ୍ ଓ୍ୱ ଅତ୍‌ମମ୍‌ନାହା ବିଅଶ୍‌ରିନ୍ ଫତମ୍ମା ମିକାତୁ ରବ୍‌ବିହି ଅରବଇନା ଲୈଲତନ୍** ଅର୍ଥାତ୍ ଆମ୍ଭେ ମୁସ ଆ ସ ଙ୍କ ସହିତ ତିରିଶି ରାତିର ପ୍ରତିଶୃତି ଦେଇଥିଲୁ ଏବଂ ତାହାକୁ ଆଉ ଦଶ (ରାତି ଅଧିକା)କରି ପୂରଣ କଲୁଁ । ଅତଃ ତା ପ୍ରଭୂଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅବଧି ଚାଳିଶ ରାତିରେ ସମ୍ପୂର୍ଣ୍ଣ ହେଲା ।

ଆମ ମୁନୀବ ଓ ସଖା ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସ ଙ୍କୁ ଚାଳିଶ ବର୍ଷ ବୟସରେ ନବୁଓ୍ୱତ୍ ର ପଦବୀରେ ଅଧିଷ୍ଠିତ କରାଗଲା । ହଦିସରେ ଆସୁଛି ଯେ :-ହଜୁର୍ ସ ଆ ସ କହିଲେ କି ମଣିଷ ନିଜ ମା ପେଟରେ ଚାଳିଶ ଦିନ ପର୍ଯ୍ୟନ୍ତ ନୁତଫା ଆକାରରେ ରହିଥାଏ ,ଚାଳିଶ ଦିନ ପର୍ଯ୍ୟନ୍ତ ଅଲକାଃ ଆକାରରେ ରହିଥାଏ,ଚାଳିଶ ଦିନ ପର୍ଯ୍ୟନ୍ତ ମୁଜଗା ଆକାରରେ ରହିଥାଏ ଏବଂ ପୁଣି ଅଲ୍ଲାଃତାଲା ଗୋଟିଏ ଫରିସ୍ତା (ଦେବଦୂତ)ପଠାଇ ତାଠାରେ ରୁହ୍ (ଆତ୍ମା)ଫୁଙ୍କିଥାଏ । ଏହିପରି ହଜୁର୍ ସ ଆ ସ କହିଲେ :-ଯେଉଁ ଲୋକ ଚାଳିଶ ଦିନ ପର୍ଯ୍ୟନ୍ତ ବାଜମାଅତ୍ (ସାମୁହିକ)ନମାଜ୍ ଏପରି ପଢିଥାଏ ଯେ ସେ ତକବୀରେ ତହରିମାରେ ସାମିଲ୍ ହେଉଥିବ , ତାହେଲେ ସେ ନର୍କାଗ୍ନୀ ତଥା ନିଫାକ୍ (କପଟତା)ରୁ ବର୍ଜୀରହିବ ବୋଲି ଉଲ୍ଲେଖ ଅଛି ।

ହଜରତ୍ ମସିହ୍ ମଉଦ୍ ଆ ସ ହୁଶିୟାରପୁର୍‌ଠାରେ ଚାଳିଶ ଦିନ ଚିଲ୍ଲାକଶି କରିଛନ୍ତି ଏବଂ ଅଲ୍ଲାଃତାଲା ଆପଣ ଆ ସ ଙ୍କୁ ଇସଲାମର ସମ୍ମନ, ମୁହମ୍ମଦ୍ ମୁସ୍ତଫା ସ ଆ ସ ଙ୍କ ସତ୍ୟତା ତଥା ମହିମା ଦେଖାଇବା ପାଇଁ ଗୋଟିଏ ପ୍ରତିଶୃତ ପୁତ୍ରର ଜନ୍ମ ହେବା ବିଷୟର ମାହାନ ସୁସମାଚାର ପ୍ରଦାନ କଲେ । ସେହିପରି ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ଯଦି କିଏ ମୋ ନିକଟରେ ଚାଳିଶ ଦିନ ରହିବ ସେ ନିଶ୍ଚିତ ରୂପେ ଅଲ୍ଲାଃତାଲାଙ୍କର କିଛି ନା କିଛି ନିଦର୍ଶନକୁ ଦେଖିନେବ ।

ପୁଣି ଚାଳିଶ ବର୍ଷ ବୟସକୁ ପରପକ୍ୱତାର ବୟସ କୁହାଯାଏ । ତେଣୁ ଆମ ଜମାଅତରେ ଅନସାରୁଲ୍ଲାଃ ସଂଗଠନ ଚାଳିଶ ବର୍ଷ ବୟସର ଲୋକମାନଙ୍କଠାରୁ ଆରମ୍ଭ ହୋଇଥାଏ । ଅତଃ ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ଯେ ଚାଳିଶ ସଂଖ୍ୟାଟି ସାଂସାରୀକ ଦୃଷ୍ଟିକୋଣରୁ ପରିପକ୍ୱତା ପାଇଁ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣତା ପାଇଁ ବ୍ୟବହାର ହୋଇଥାଏ ।

ପ୍ରଶ୍ନ -ଜଣେ ବନ୍ଧୁ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରେ ଲେଖି ଏକଥା ଜାଣିବାକୁ ଚାହିଁଲେ ଯେ ୟାଜୁଜ୍ ମାଜୁଜ୍ କିଏ ? ପୁଣି ଏକଥା ଜାଣିବାକୁ ନିବେଦନ କଲେ ଯେ କ'ଣ ଆଁ ହଜରତ୍ ସ ଆ ସ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ସ୍ୱପ୍ନରେ ଦେଖିଛନ୍ତି କି ?

ହଜୁର୍ ଅନଓ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ମସିହାରେ ଏ ପ୍ରଶ୍ନର ଉତର ନିମ୍ନ ଲିଖିତ ପ୍ରଦାନ କରିଛନ୍ତି ।

ଉତର :-ଶେଷ ଯୁଗରେ ଇସଲାମ୍ ଯେଉଁ ସବୁ ଦୁଃଖ ଓ ବିପତିରେ ପଡିବାକୁ ଥିଲା , ସେଥିରେ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ବିଷୟରେ ବିଶେଷ ଭାବରେ ଉଲ୍ଲେଖ ରହିଛି । ଏବଂ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ଗୋଟିଏ ଫିତନା(ବିଭ୍ରାଟ)ର ଭିନ୍ନ ଭିନ୍ନ ପ୍ରଦର୍ଶନ । ଦଜ୍ଜାଲ୍ ଏହି ଫିତନା(ବିଭ୍ରାଟ)ର ଧାର୍ମିକ ପାର୍ଶ୍ୱର ନାମ । ଯାହାର ଅର୍ଥ ହେଉଛି ଏହାକି ଏହି ଗୋଷ୍ଠୀ ଶେଷ ଯୁଗରେ ଲୋକମାନଙ୍କର ଧାର୍ମିକ ବିଶ୍ୱାସ ତଥା ଧାର୍ମିକ ଆସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିବେ ଏବଂ ସେହି ଯୁଗରେ ଯେଉଁ ଗୋଷ୍ଠୀ ରାଜନୈତିକ ପରିସ୍ଥିତିକୁ ଖରାପ କରିବ ଏବଂରାଜନୈତିକ ଶାନ୍ତି ତଥା ସ୍ଥିରତାକୁ ବିନାଶ କରିଦେବ ,ତାର ନାମ ୟାଜୁଜ୍ ମାଜୁଜ୍ ରଖାଯାଇଛି । ଏବଂ ଏହି ଉଭୟ ଗୋଷ୍ଠୀ ପାଶ୍ଚାତ୍ୟ ଖ୍ରୀଷ୍ଟିଆନ୍ ଦେଶଗୁଡିକର ସାଂସାରୀକ ତଥା ଭୌତିକ ଶକ୍ତି ଏବଂ ସେମାନଙ୍କର ଧାର୍ମିକ ପାର୍ଶ୍ୱକୁ ବୁଝାଏ ।

କିନ୍ତୁ ଏହା ସହିତ ଅଲ୍ଲାଃତାଲା ନିଜ ପ୍ରୀୟ ନବୀ ସ ଆ ସ ଙ୍କ ଜରିଆରେ ଆମକୁ ଏ ଖବର ମଧ୍ୟ ଦେଇଛନ୍ତି ଯେ ଯେବେ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ର ଫିତନା(ବିଭ୍ରାଟ ତଥା ବିଶୃଙ୍ଖଳା)ଆରମ୍ଭ ହେବ ସେତେବେଳେ ଇସଲାମ୍ ଦୃବଳ ହୋଇଯିବ । ସୁତରାଂ ଅଲ୍ଲାଃତାଲା ଏପରିସ୍ଥଳେ ଇସଲାମର ସୁରକ୍ଷା ପାଇଁ ମସିହ୍ ମଉଦ୍ ଆ ସ ଙ୍କୁ ପ୍ରେରଣ କରିବେ । ସେ ସମୟରେ ମୁସଲମାନ୍ ମାନଙ୍କ ନିକଟରେ ଭୌତିକ ତଥା ସାମଗ୍ରୀକ ଶକ୍ତି ନଥିବ । କିନ୍ତୁ ମସିହ ମଉଦ୍ ଙ୍କ ଜମାଅତ୍ ଦୁଆ (ପ୍ରାର୍ଥନା) ଏବଂ ତବଲିଗ୍ (ପ୍ରଚାର) ଦ୍ୱାରା କାମ କରିଚାଲିବ । ଯାହା ଫଳରେ ଅଲ୍ଲାଃତାଲା ସେହି ଫିତନାକୁ ସ୍ୱଂୟ ଶେଷ କରିଦେବେ ।

ଆପଣଙ୍କର ଦ୍ୱିତୀୟ ପ୍ରଶ୍ନ ଏହା ଥିଲା ଯେ କ'ଣ ଆଁ ହଜରତ୍ ସ ଆ ସ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ସ୍ୱପ୍ନରେ ଦେଖିଛନ୍ତି କି ? ଏହାର ଉତର ହଦିସରେ ମିଳିଥାଏ ଯେ ଆଁହଜରତ୍ ସ ଆ ସ ଆସିବାକୁ ଥିବା ମସିହଙ୍କୁ ସ୍ୱପ୍ନରେ ଦେଖିଥିଲେ । ସୁତରାଂ ସହି ବୁଖାରୀରେ ଏହି ହଦିସ ବର୍ଣ୍ଣିତ ଅଛି ଯେ ଆଁହଜରତ୍ ସ ଆ ସ କହିଲେ ଯେ ମୁଁ ରାତିରେ ଗୋଟିଏ ସ୍ୱପ୍ନରେ ନିଜକୁ କାବା ନିକଟରେ ଦେଖିଲି । ପୁଣି ଜଣେ ଗହମ ରଙ୍ଗର ଲୋକକୁ ବି ଦେଖିଲି । ଯେପରି ତୁମେମାନେ ସୁନ୍ଦର ଗହମ ରଙ୍ଗର ଲୋକକୁ ଦେଖିଥିବ, ସେ ତାଠାରୁ ବି ଭଲ ଥିଲେ । ତାଙ୍କର କେଶ ତାଙ୍କ ଦୁଇ କାନ୍ଧ ପର୍ଯ୍ୟନ୍ତ ସିଧା ଲଟକୁ ଥିଲା । ତାଙ୍କ ମୁଣ୍ଡରୁ ପାଣି ଟପକୁ ଥିଲା । ସେ ଦୁଇଜଣ ଲୋକର କାନ୍ଧରେ ହାତ ରଖି ବଇତୁଲ୍ଲାଃ(ଅର୍ଥାତ ଖାନା କାବା)ର ପରିକ୍ରମଣ କରୁଥିଲେ । ମୁଁ ପଚାରିଲି ଏହି ଲୋକଟି କିଏ ? ଏଥିରେ ଲୋକମାନେ କହିଲେ ଯେ ସେ ହେଉଛନ୍ତି ମସିହ୍ ଇବନେ ମରିୟମ୍ । ପୁଣି ମୁଁ ତାଙ୍କ ପଛରେ ଆଉଜଣେ ଲୋକକୁ ଦେଖିଲି ଯାହାର କେଶ ବହୁତ ଘନ ତଥା କୁଂଚକୁଂଚିଆ ଥିଲା । ତାହାର ଡାହାଣ ଆଖି କଣା ଥିଲା । ଏବଂ ଇବନେ କୁତନ୍ (ଜଣେ କାଫିର୍)ଙ୍କ ସହିତ ତାର ଚେହେରା ବହୁତ ମିଶୁଥିଲା । ସେ ଗୋଟିଏ ଲୋକର ଦୁଇକାନ୍ଧ ଉପରେ ହାତ ରଖି ବଇତୁଲ୍ଲାଃ(ଅର୍ଥାତ ଖାନା କାବା)ର ଚାରିପଟେ ପରିକ୍ରମଣ କରୁଥିଲା । ମୁଁ ପଚାରିଲି ଏହି ଲୋକଟି କିଏ ? ଉତର ମିଳିଲା ଯେ ସେ ହେଉଛି ମସିହ୍ ଦଜ୍ଜାଲ୍ ।

ସେହିପରି ସହି ବୁଖାରୀର ଆଉ ଗୋଟିଏ ରିଓ୍ୱାୟତ ଅଛି ଯେ ସେଥିରେ ଆଁ ହଜରତ୍ ସ ଆ ସ କହଛନ୍ତି ଯେ (ମେରାଜ ରାତିରେ)ମୁଁ ଇସା , ମୁସା ଏବଂ ଇବ୍ରାହିମ୍(ଆ ସ)ଙ୍କୁ ଦେଖିଲି । ଇସା (ଆ ସ)ଲାଲ୍ ରଙ୍ଗର,କୁଂଚକୁଂଚିଆ କେଶ ଏବଂ ପ୍ରଶସ୍ତ ଛାତି ରଖିଥିବା ଲୋକ ଥିଲେ । ମୁସା (ଆ ସ) ଗହମ ରଙ୍ଗର ଓ ମୋଟା ତାଜା ତଥା ସିଧା କେଶ ରଖିଥିବା ମଣିଷ ଥିଲେ । ସତେ ଯେପରି ସେ (ଜତ୍

କବିଲା)ର ଲୋକ ଅଟନ୍ତି ।

ଅତେବ ଏହି ଦୁଇଟି ରିଓ୍ବାୟତରେ ହଜରତ୍ ମସିହ୍ ଆ ସ ଙ୍କର ଦୁଇ ଦୁଇଟି ଅଲଗା ଅଲଗା ଚେହେରା ବିଷୟରେ ବର୍ଣ୍ଣନା କରାଯାଇଅଛି । ଏଥିରୁ ପ୍ରମାଣିତ ହେଉଅଛି ଯେ ଆଁ ହଜରତ୍ ସ ଆ ସ ମୁସା ଆ ସଙ୍କ ମସିହ୍ ହଜରତ୍ ଇସା ମସିହ୍ ଆ ସଙ୍କୁ ବି ଦେଖିଥିଲେ । କିନ୍ତୁ ତାଙ୍କୁ ମୃତ୍ୟୁ ବରଣ କରିସାରିଥିବା ଅମ୍ବିୟା(ନବି) ହଜରତ୍ ମୁସା ଆ ସ ଏବଂ ହଜରତ୍ ଇବ୍ରାହିମ୍ ଆ ସ ଙ୍କ ସାଥିରେ ଦେଖିଥିଲେ । ଏବଂ ନିଜର ଆଧ୍ୟାତ୍ମିକ ସନ୍ତାନ ଓ ସଚ୍ଚା ଦାସ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ମଧ୍ୟ ଦେଖିଥିଲେ । ଯାହାଙ୍କୁ ଦଜ୍ଜାଲ୍ ଯୁଗରେ ଆବିର୍ଭୂତ ହୋଇ ତାହା ସହିତ (ଅର୍ଥାତ୍ ଦଜ୍ଜାଲ)ସହିତ ମୁକାବିଲା କରି , ଲଢି ଇସଲାମର ପ୍ରତିରକ୍ଷା କରିବାର ଥିଲା । ତାଙ୍କୁ ଆପଣ ସ ଆ ସ ଖାନାକାବାର ପରିକ୍ରମଣ କରିବାର ଦେଖିଛନ୍ତି ।

ହଜୁରତ୍ ଖଲିଫତୁଲ୍ ମସିହ୍ ପଂଚମ ଙ୍କ ସହିତ ହଲାଣ୍ଡର ନୌମୁବାଇନ୍ (ନୂଆ ବୟତ କରିଥିବା ଅହେମଦୀ)ଛାତ୍ରୀମାନଙ୍କ ର ଭର୍ଚୁଆଲ୍ ସାକ୍ଷାତକାର ଅନୁଷ୍ଠିତ ୨୩ ଅଗଷ୍ଟ ୨୦୨୦ ମସିହାରେ ଜଣେ ଛାତ୍ରୀ ଜାଣିବାକୁ ଇଛା ପ୍ରକାଶ କଲେ ଯେ ଆମେ ଅନଲାଇନ୍ ରେ ଗୋଟିଏ କୁର୍ଦ୍ଦ ଗୋଷ୍ଠୀକୁ ତବଲିଗ୍ କରୁଅଛୁ । ସେଥିରେ କିଛି ମୁଲ୍ଲା ବି ସାମିଲ୍ ଅଛନ୍ତି । ଯେଉଁମାନେ ପାକିସ୍ତାନରୁ ଶିକ୍ଷାଗ୍ରହଣ କରି ଆସିଛନ୍ତି । ଯଦି ସେହି ଗ୍ରୁପର ଲୋକେ ଆମମାନଙ୍କ କଥାକୁ ଶୁଣିବାରେ ସଙ୍କୋଚତା ଅବଲମ୍ବନ ନକରନ୍ତି ତାହେଲେ କ'ଣ ଆମେ ସେହି ଗ୍ରୁପରେ ତବଲିଗ୍ କରିଚାଲିବୁ ବା କରିବୁ ନାହିଁ ? ହଜୁର ଅନଓ୍ବର୍ ଅ ବ ଅ ଏ ସମ୍ବନ୍ଧରେ ସେମାନଙ୍କର ମାର୍ଗଦର୍ଶନ କରାଇ କହିଲେ ।

ଉତର:- ଯଦି ସେହି ମୁଲ୍ଲା ଆପଣମାନଙ୍କ ସହିତ ତର୍କବିତର୍କ କରି ସମୟ ନଷ୍ଟକରିବାକୁ ଚାହୁଁଥାନ୍ତି ତାହେଲେ କିଛି ଲାଭ ନାହିଁ । ତାଠାରୁ ତ ଏହା ଭଲ ଯେ ଆଉକିଛି ଭଲ ଲୋକଙ୍କୁ ଆପ୍ରୋଚ କରନ୍ତୁ । ସେମାନଙ୍କୁ ତବଲିଗ୍ କରନ୍ତୁ ଯେଉଁମାନେ ଶୁଣିବାକୁ ଇଛୁକ । ଯେଉଁମାନେ ଧୃଷ୍ଟ ତଥା ଯେଉଁମାନେ କେବଳ ତର୍କବିତର୍କ କରିବାକୁ ଚାହଁଥାନ୍ତି , ଏବଂ ଆରୋପ ପ୍ରତ୍ୟାରୋପ କରିଥାନ୍ତି ଏବଂ କୌଣସି ବୁଦ୍ଧି ବିବେକ କଥା କୁହନ୍ତି ନାହିଁ , ତାହେଲେ ଏଥିରେ ସମୟ ନିବେଶ କରିବାର ଆବଶ୍ୟକ କ'ଣ ? ଯଦି ତାଙ୍କର ଉଦ୍ଦେଶ୍ୟ ଭଲ ଥାଏ , ଶୁଣିବାକୁ ଚାହୁଁଥାନ୍ତି ଓ ନିଜ ନୈତିକତାର ପରିଧି ମଧ୍ୟରେ ତଥା ମୋରାଲ୍ କୋଡସ୍ ଭିତରେ ରହି କଥା କରିଥାନ୍ତି ତାହେଲେ ଠିକ ଅଛି । କଥା ହୋଇପାରିବେ । ଯଦି ସେ ଭୁଲ ତଥା ଅଭ୍ରଦାମି ଦେଖାଇ କଥା ହେଉଥାନ୍ତି ତାହେଲେ ତାକୁ ଛାଡିଦିଅ । ଆଉ କୌଣସି ଲୋକକୁ ଦେଖନ୍ତୁ ଯିଏ ଭଦ୍ର ସ୍ୱଭାବର ହୋଇଥିବ ଓ ଭଦ୍ରାମି ଦେଖାଇ କଥା କହୁଥିବ । ପ୍ରମାଣ ଦେଖାଇ କଥା କହୁଥିବ । ନିଜ କଥାର ପ୍ରମାଣ ଦେଉଥିବ ଓ ଆମ ଦଲିଲକୁ ବି ଶୁଣୁଥିବ । ତାହେଲେ ତାର ସମ୍ପୂର୍ଣ୍ଣ ନ୍ୟାୟ ସହିତ ବିଶ୍ଳେଷଣ କରନ୍ତୁ । ପୁଣି ଦେଖନ୍ତୁ ସତ୍ୟ କ'ଣ ଓ ମିଥ୍ୟା କ'ଣ ।

ପ୍ରଶ୍ନ:ଏହି ସାକ୍ଷାତକାର ସମୟରେ ଜଣେ ଛାତ୍ରୀ ହଜୁର୍ ଅନଓ୍ବର୍ ଅ ବ ଅଙ୍କ ଗୋଚରରେ ଏକଥା ଜାଣିବାକୁ ଚାହିଁଲେ ଯେ , ଆପଣଙ୍କ ମାଆ ବାପାଙ୍କର କେଉଁ ଉପଦେଶ ଆପଣଙ୍କ ପାଇଁ ସବୁଠାରୁ ଅଧିକା ଲାଭଜନକ ସାବ୍ୟସ୍ତ ହୋଇଛି ? ଏଥିରେ ହଜୁର ଅନଓ୍ବର ଅ ବ ଅ କହିଲେ

ଉତର: ଏହାକି କେବେ ବି ମିଁଛ କହିବ ନାହିଁ ।

ପ୍ରଶ୍ନ:- ଆଉ ଜଣେ ଛାତ୍ରୀ ହଜୁର୍ ଅନଓ୍ବର୍ ଅ ବ ଅଙ୍କ ଗୋଚରରେ ଏକଥା ଜାଣିବାକୁ ଚାହିଁଲେ ଯେ ଆଜିକାଲି ସୋସିଆଲ୍ ମିଡିଆରେ ଖବର ବ୍ୟାପିଚାଲିଛି ଯେ କପଡାର ବଡ ବଡ ବ୍ରାଣ୍ଡସ୍ କୋରୋନା ଭାଇରସ୍ ଯୋଗୁଁ ପାକିସ୍ତାନ ଓ ବାଙ୍ଗଲାଦେଶରେ ନିଜର ଗରୀବ କର୍ମଚାରୀମାନଙ୍କୁ ସେମାନଙ୍କର ପୂରା ପ୍ରାପ୍ୟ ଦେଉନାହାନ୍ତି । ଅଧିକାଂଶ ଲୋକଙ୍କ କହିବାର କଥା ଯେ ଏହି ବ୍ରାଣ୍ଡସର ବାଇକାଟ ହେବା ଉଚିତ । ହଜୁର ଆମକୁ ଏ ସମ୍ବନ୍ଧରେ କିଛି ଉପଦେଶ ଦିଅନ୍ତୁ । ଏହି ପ୍ରଶ୍ନର ଉତର ଦେଇ ହଜୁର୍ କହିଲେ

ଉତର:-ପ୍ରଶ୍ନ ହେଉଛି ଏହା କି ଏପରି ଯେଉଁ ବଡ ବଡ କମ୍ପାନୀଗୁଡିକ ଅଛନ୍ତି , ସେମାନେ ତ ପଇସା ଦେଇଦେଉଛନ୍ତି କାରଣ ସେମାନେ ଡାଇରେକ୍ଟ ନିଜର ଲେବର୍ ବା କର୍ମଚାରୀମାନଙ୍କ ନିକଟକୁ ଯାଇନଥାନ୍ତି । ସେଠିକାର କିଛି ଲୋକେ ଏପରି ଥାନ୍ତି ଯେଉଁମାନେ କନ୍ଟ୍ରାକ୍ଟ ନେଇଥାନ୍ତି , ସେମାନେ ଆଗକୁ କନ୍ଟ୍ରାକ୍ଟରେ କାମ କରାଇଥାନ୍ତି । ଏହି ବଡ ବଡ କମ୍ପାନୀଗୁଡିକ ସେମାନଙ୍କୁ କନ୍ଟ୍ରାକ୍ଟ ଦେଇଦିଅନ୍ତି । ପୁଣି ସେମାନେ ଲୋକାଲ୍ ଲେବର୍ ଲଗାଇ କାମ କରାଇଥାନ୍ତି । ଯଦି ସେମାନେ ଠିକ ଭାବରେ ଲେବର୍ ନଦେବେ ତାହେଲେ ସେମାନେ ଏକ୍ସପ୍ଲଏଟ୍ କରୁଛନ୍ତି । ଏଠାରେ ସେହି ଦେଶରେ ରହୁଥିବା ଲୋକମାନଙ୍କର ଭୁଲ । ଏଠିକାର ଯେଉଁ କମ୍ପାନୀଗୁଡିକ ଅଛନ୍ତି , ସେମାନଙ୍କର ତ ଏତେଟା ଭୁଲ ନାହିଁ । କାରଣ ସାଧାରଣତଃ ଏହା ଦେଖିବାକୁ ମିଳିଥାଏ ଯେ ଏମାନେ ତ ପଇସା ଦେଇଦେଇଥାନ୍ତି । କାଳେ ଜଣେ ଅଧେ କିଏ ଦେଉ ନଥିବେ । କାରଣ ଏମାନଙ୍କର ବଡ ବଡ ବେପାର ଏଇଥିପାଇଁ ଚାଲୁଅଛି ଯେ ଏମାନେ ଫେୟାର୍ ବିଜନେସ୍ କରିଥାନ୍ତି ଏବଂ ଲେବରମାନଙ୍କୁ ନ୍ୟାୟ ଦେଇ ତାଙ୍କର ପ୍ରାପ୍ୟ ଦେଇଥାନ୍ତି ।

ହଁ ଆଗକୁ ସେମାନଙ୍କର ସବ୍ କନ୍ଟ୍ରାକ୍ଟର ଅଛନ୍ତି ,ଯେଉଁମାନେ ପୁଣି ଆଗକୁ କନ୍ଟ୍ରାକ୍ଟରେ କାମ ଦେଇଥାନ୍ତି । ପୁଣି ସେହି କନ୍ଟ୍ରାକ୍ଟରମାନେ ଲେବର ଲଗାଇ କାମ କରାଇଥାନ୍ତି । ସେମାନେ ଅସଲରେ ଚିଟିଂ କରିଥାନ୍ତି । ତେଣୁ ବାଇକାଟ କରିବାରେ କଣ ଲାଭ ହେବ ? ଯାହା କିଛି ଅଳ୍ପ ବହୁତ ପାରିଶ୍ରମିକ ମିଳୁଅଛି ତାହା ବି ହାତରୁ ଚାଲିଯିବ । ବାକି ଯେଉଁ ଦେଶରେ ଏପରି ଅନୈତିକ କାମ ଚାଲିଛି ,ସେ ଦେଶରେ ତାଙ୍କର ନିଜର ନିୟମ କାନୁନ ରହିଛି । ସେମାନଙ୍କୁ ଆବଶ୍ୟକ ଯେ ସେମାନେ ନିଜ ଦେଶର ଲେବରମାନଙ୍କର ଧ୍ୟାନ ରଖନ୍ତୁ । ମଝିରେ ଯେଉଁ ଲୋକମାନେ ଅଛନ୍ତି ସେମାନଙ୍କଠାରୁ ସଠିକ ପ୍ରାପ୍ୟ ଆଦାୟ କରନ୍ତୁ ।

(ଜହିର୍ ଅହମଦ୍ ଖାନ୍ ,ମୁରବୀ ସିଲସିଲା ,ରେକର୍ଡ ବିଭାଗ ,ପି ଏସ୍ କାର୍ଯ୍ୟାଳୟ ଲଣ୍ଡନ୍)

(ଅଖବାର୍ ଅଲଫଜଲ୍ ଇଂଟରନ୍ୟାସନାଲ୍ ୦୭ ମଇ ୨୦୨୧ କୁ ଧନ୍ୟବାଦ )

ପ୍ରଶ୍ନ -ଜଣେ ବନ୍ଧୁ ହଜୁର ଅନଓ୍ବର୍ ଅ ବ ଅଙ୍କ ଗୋଚରରେ ନିବେଦନ କରି ଯାଣିବାକୁ ଚାହିଁଲେ ଯେ ,ଜଣେ ଅହେମଦୀ ଆଉଜଣେ ଅଣ ଅହେମଦୀଙ୍କ ନମାଜ ଜନାଯାଃ ପଢିବା ସମ୍ବନ୍ଧରେ କ'ଣ ଅଦେଶ ରହିଛି ? ପୁଣି ଯାଣିବାକୁ ଚାହିଁଲେ ଯେ ବ୍ୟାଙ୍କ୍ ରେ ନିଅଣ ଦିଅଣ କରିବା ବାବତରେ କ'ଣ ସବୁ ଅଦେଶ ରହିଛି ? ହଜୁର ଅନଓ୍ବର୍ ଅ ବ ଅ ନିଜର ଚିଠି ଲିଖିତ ୧୪ ଯାନୁଆରୀ ୨୦୨୦ ମସିହାରେ ଉପରୋକ୍ତ ପ୍ରଶ୍ନର ଉତର ଦେଇ କହିଲେ :

ଉତର -ଗୈର ଅହେମଦୀ ମାନଙ୍କ ନମାଜ ଜନାଯାଃ ପଢିବା ସମ୍ବନ୍ଧରେ ଅହେମଦୀମାନଙ୍କର ଷ୍ଟାଣ୍ଡ ହେଉଛି ଏହା କି ଯିଏ ହଜରତ୍ ମସିହ ମଉଦ ଆ ସଙ୍କୁ ବିଲକୁଲ୍ ମାନୁନଥିଲା ତଥା ହଜରତ୍ ମସିହ ମଉଦ ଆ ସଙ୍କୁ ମିଥ୍ୟାବାଦୀ ଭାବରେ ଅଭିହିତ କରଥିଲା , ତା ନମାଜ ଜନାଯାଃ ପଢିବା କୌଣସି ମତେ ଠିକ୍ ନୁହେଁ । କିନ୍ତୁ ଯିଏ ହଜରତ୍ ମସିହ ମଉଦ ଆ ସଙ୍କ ଦାବିଗୁଡିକର ଅସ୍ୱୀକାର କରୁନଥିଲା କିନ୍ତୁ ସେ ହଜରତ୍ ମସିହ ମଉଦ ଆ ସଙ୍କ ଦାବିଗୁଡିକୁ ସମର୍ଥନ ବି କରୁନଥିଲା । ଏପରି ଲୋକର ନମାଜ ଜନାଯାଃ ପଢିବା ପାଇଁ ଯଦି ଅନ୍ୟଲୋକମାନେ ଉପସ୍ଥିତ ଥିବେ ତାହେଲେ ଅହେମଦୀମାନଙ୍କୁ ତାହାର ନମାଜ ଜନାଯାଃ ପଢିବାରୁ ଦୂରେଇରହିବା ଉଚିତ । କିନ୍ତୁ ଯଦି କୌଣସି ସ୍ଥାନରେ କୌଣସି ମୁସଲମାନ୍ ମରିଯାଏ ଓ ତାର ଜନାଯାଃ ପଢିବାକୁ କିଏ ନଥିବେ ତାହେଲେ ଅହେମଦୀ ନିଜ ଇମାମଙ୍କ ପଛରେ ତାର ନମାଜ ଜନାଯାଃ ପଢିବେ । କାରଣ ଜଣେ କଲମା ପାଠକାରୀଙ୍କୁ ବିନା କୌଣସି ନମାଜ ଜନାଯାଃ ପଢି କବର ଦେବା ଉଚିତ ନୁହେଁ ।

ବ୍ୟାଙ୍କ୍ ରେ ନିଅଣ ଦିଅଣ କରିବା ବାବତରେ , ଯଦି ଏଥିରେ ସୁଧକୁ ସାମିଲ କରାଯାଏ , ତାହେଲେ ସରକାରୀ ବ୍ୟାଙ୍କ୍ ହେଉ ବା ଆର୍ଥିକ ପ୍ରତିଷ୍ଠାନ ହେଉ ,ଏମାନଙ୍କ ସହିତ କାରବାର କରିବା ବୈଧ ନୁହେଁ । କିନ୍ତୁ ଯଦି କାରବାରରେ ଲାଭ-କ୍ଷତି ଉଭୟ ଥାଏ ତାହେଲେ କାରବାର କରବାର ଅନୁମତି ଅଛି ।

ସେହିପରି ସରକାରୀ ବ୍ୟାଙ୍କ୍ ହେଉ ବା ସରକାରୀ ଆର୍ଥିକ ପ୍ରତିଷ୍ଠାନଗୁଡିକରେ ଜମା କରାଯାଉଥିବା ଅର୍ଥରାଶି ଉପରେ ମିଳୁଥିବା ସୁଧକୁ ସୁଧ ଭବରେ ଗଣାଯାଏ ନାହିଁ । କାରଣ ସରକାରୀ ବ୍ୟାଙ୍କ୍ ବା ଆର୍ଥିକ ପ୍ରତିଷ୍ଠାନଗୁଡିକ ନିଜର ଅର୍ଥକୁ ଜନକଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିଥାନ୍ତି , ଯାହା ଫଳରେ ଦେଶର ନାଗରିକମାନଙ୍କ ପାଇଁ ବିଭିନ୍ନ ହିତକାରୀ ଯୋଜନା ପ୍ରସ୍ତୁତ କରାଯାଇଥାଏ, ଅର୍ଥନୀତିର ବିକାଶ ହୋଇଥାଏ, ଦେଶର ଲୋକମାନଙ୍କ ନିମନ୍ତେ ରୋଜଗାର ସୁଯୋଗ ସୃଷ୍ଟି ହୋଇଥାଏ । ତେଣୁ ଏହିପରି ବ୍ୟାଙ୍କ୍ ବା ଆର୍ଥିକ ପ୍ରତିଷ୍ଠାନଗୁଡିକର ଲାଭକୁ ବ୍ୟକ୍ତିଗତ ରୂପେ ବ୍ୟବହାର କରାଯାଇପାରିବ । ଏଥିରେ କୌଣସି ଅସୁବିଧା ନାହିଁ ।

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

''ଆମ ଶିକ୍ଷାର ସଂକ୍ଷିପ୍ତ ସାରାଂଶ ହେଉଛି ଏହା କି ମଣିଷ ନିଜର ସମସ୍ତ ଶକ୍ତିକୁ ଈଶ୍ୱରଙ୍କ ପାଇଁ ଉତ୍ସର୍ଗ କରୁ ।"
(ହଜରତ୍ ମସିହ ମଉଦ ଆ ସ)

**ପବିତ୍ର ରମଜାନ୍ ମାସ ଅବସରରେ ହଜରତ୍ ଅକଦସ୍ ମସିହ ମଉଦ ଆ ସଙ୍କ ପବିତ୍ର ଉପଦେଶାବଳୀଗୁଡିକର ଆଲୋକରେ ଆମ ଜମାଅତର ସଦସ୍ୟମାନଙ୍କୁ ଶୁଦ୍ଧ ଧର୍ମପରାୟଣତା ଆପଣେଇବା ପାଇଁ ଆଦେଶ**

''ଧର୍ମପରାୟଣ/ଧାର୍ମିକ ଲୋକମାନଙ୍କ ଉପରେ ଖୁଦାତାଲାଙ୍କର ଏକ ପ୍ରକାଶ ହୋଇଥାଏ । ସେ ଈଶ୍ୱରଙ୍କ ଛତ୍ରଛାୟାରେ ରହିଥାନ୍ତି । କିନ୍ତୁ ତକ୍‌ୱା ନିର୍ମଳ ହେବା ଉଚିତ ଓ ସେଥିରେ ଶଇତାନର କିଛି ବି ଅଂଶ ନରହିବା ଉଚିତ ॥" (ହଜରତ୍ ମସିହ ମଉଦ ଆ ସ)

ଇସଲାମର ସିଦ୍ଧତା ତକ୍‌ୱା ଉପରେ ପର୍ଯ୍ୟବେଶିତ । ଯାହ ଦ୍ୱାରା ୱିଲାୟତ୍(ଅର୍ଥାତ୍ ମୁନି ଋଷିମାନଙ୍କର ପଦମର୍ଯ୍ୟାଦା)ମିଳିଥାଏ । ଯାହାଦ୍ୱାରା ଫରିସ୍ତା(ଦେବଦୂତ)ମାନେ କଥା ହୋଇଥାନ୍ତି ଓ ଖୁଦାତାଲା ସୁସମାଚାର ଦେଇଥାନ୍ତି।"

''ପ୍ରକୃତ ତକ୍‌ୱା (ଧର୍ମପରାୟଣତା) ସହିତ ଅଜ୍ଞତା ଏକାଠି ହୋଇପାରିବ ନାହିଁ । ପ୍ରକୃତ ତକ୍‌ୱା (ଧର୍ମପରାୟଣତା) ନିଜ ସହିତ ଗୋଟିଏ ନୂର(ଅର୍ଥାତ୍ ଜ୍ୟୋତି/ଆଲୋକ) ବହନ କରିଥାଏ ॥"

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୨୨ ଅପ୍ରେଲ୍ ୨୦୨୨ ଅନୁଯାୟୀ ୨୨ ଶାହାଦତ୍ ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜିକାଲି ଆମେ ରମଜାନ୍ ମାସଦେଇ ଅତିବାହିତ କରୁଅଛେ । ପ୍ରାୟ ଦୁଇ ଅଶରା(ଅର୍ଥାତ କୋଡିଏ ଦିନ)ଶେଷ ହୋଇଗଲାଣି । ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ମୋମିନ୍ (ବିଶ୍ୱାସକାରୀ)ଏହି ମାସରେ ଚେଷ୍ଟା କରିଥାଏ ଯେ ସେ ଅଧିକରୁ ଅଧିକ ଏହି ମାସରୁ ଲାଭ ଉଠାଉ । ଅଲ୍ଲାଃତାଲା ଏହି ରୋଜାର ବାଧ୍ୟତାମୂଳକ ହେବା ପ୍ରସଙ୍ଗରେ ଆରମ୍ଭରେ ହିଁ ଏ ନିର୍ଦ୍ଦେଶ ଦେଇଛନ୍ତି ତଥା ଏହାର ଉଦ୍ଦେଶ୍ୟ ବର୍ଣ୍ଣନା କରିଛନ୍ତି ଯେ ହେ ଲୋକମାନେ ରୋଜା ତୁମମାନଙ୍କ ଉପରେ ଏଇଥି ପାଇଁ ବାଧ୍ୟତାମୂଳକ କରାଯାଇଅଛି ଯେ ଏତତଦ୍ୱାରା ତୁମେମାନେ ତକ୍‌ୱା(ଧର୍ମପରାୟଣତା)ଗ୍ରହଣ କରିବ ।

ଅତଃ ରୋଜା ତଥା ରମଜାନ୍ ର ଆଶୀର୍ବାଦରୁ ସେତେବେଳେ ଅଂଶୀଦାର ହୋଇପାରିବା ଯେତେବେଳେ ଆମେ ରୋଜା ସହିତ ନିଜର ତକୱାର ସ୍ତରକୁ ମଧ୍ୟ ଉଚ୍ଚା କରିପାରିବା । ପ୍ରତ୍ୟେକ ପ୍ରକାରର କୁକର୍ମରୁ ରକ୍ଷାପାଇବା ପାଇଁ ହେଲେ ଆମକୁ ଅଲ୍ଲାଃତାଲାଙ୍କ ଶରଣରେ ଆସିବକୁ ଚେଷ୍ଟା କରିବା ଉଚିତ । ଆଁ ହଜରତ୍ ସ ଆ ସ କହିଛନ୍ତି ଯେ ରୋଜା ହେଉଛି ଏକ ଢାଲ । (ସହି ବୁଖାରୀ କିତାବୁଲ୍ ତୌହିଦ୍ ......ହଦିସ ନଂ-୭୪୯୨) କ'ଣ ନାମକୁ ମାତ୍ର ରୋଜା ରଖିବା ହିଁ ଆମ ପାଇଁ ଯଥେଷ୍ଟ କି ? ସହରୀ ତଥା ଇଫତାରୀ କରିବା ଯଥେଷ୍ଟ କି ? ଏପରି ନୁହେଁ । ଏହାର ଆନୁଷଙ୍ଗିକ ସାମଗ୍ରୀକୁ ବି ଦେଖିବା ଆବଶ୍ୟକ । ଆଉ ଯେପରି କି କହିସାରିଛି ଯେ ଏହାର ମୂଳ ଉଦ୍ଦେଶ୍ୟ ହେଉଛି **ଲାଅଲ୍ଲକୁମ୍ ତତ୍‌ତକୁନ୍ (ଅଲବକରାଃ :୧୮୪)** ଅର୍ଥାତ୍ ଏତତଦ୍ୱାରା ତୁମେମାନେ ଧର୍ମପରାୟଣତାକୁ ଗ୍ରହଣ କର । ଅତେବ ଯଦି ଆମେ ନିଜ ରୋଜ ତଥା ରମଜାନକୁ ଏପରି ରୋଜା ତଥା ରମଜାନ୍ କରିବାକୁ ଚହୁଁଥାନ୍ତି , ଯାହା ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ହୋଇଥାଏ, ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ହୋଇଥାଏ ଓ ଯାହାର ପରସ୍କାର ଅଲ୍ଲାଃତାଲା ସ୍ୱୟଂ ହୋଇଥାନ୍ତି ତାହେଲେ ପୁଣି ଆମେ ତାକୁ ଏପରି ସ୍ତରକୁ ଆଣିବାକୁ ପଡିବ ଯେଉଁ ସ୍ତରକୁ ଖୁଦାତାଲା ଆମଠାରୁ ଚହୁଁଛନ୍ତି ଓ ଯାହାପାଇଁ ରୋଜା ବାଧ୍ୟତାମୂଳକ କରାଯାଇଛି । ଯେମିତି କି ମୁଁ କହିସାରିଛି ଯେ ଅଲ୍ଲାଃତାଲା ସ୍ୱଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ତୁମେ ଅଲ୍ଲାଃତାଲାଙ୍କ ତକୱା ଗ୍ରହଣ କର । (ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ଭୟ କର) ।

ଅମେମାନେ ନିଜକୁ ମୋମିନ୍ (ଅର୍ଥାତ ଈଶ୍ୱରବିଶ୍ୱାସୀ)ବୋଲି କହୁଅଛେ , ନିଜକୁ ମୁସଲମାନ୍ କହୁଛେ , ଏ ଦାବି କରୁଅଛେ ଯେ ଆମେ ଆଁ ହଜରତ୍ ସ ଆ ସ ଙ୍କ ନିର୍ଦ୍ଦେଶକୁ ଅନୁସରଣ କରି , ଆପଣ ସ ଆ ସ ଙ୍କ ଉପରେ ନିଜ ଇମାନକୁ (ଅର୍ଥାତ୍ ବିଶ୍ୱାସକୁ)ସିଦ୍ଧ କରି ଏକଥାକୁ ବି ମାନିନେଇଛୁ ଯେ ଆପଣ ସ ଆ ସ ଙ୍କ ପେଶଗୋଇ(ଅର୍ଥାତ ଭବିଷ୍ୟତବାଣୀ) ମୁତାବକ ଯେଉଁ ମସିହ୍ ତଥା ମେହେଦୀଙ୍କୁ ଆସିବାର ଥିଲା ,ସେ ହଜରତ୍ ମିର୍ଜା ଗୁଲାମ ଅହେମଦ୍ କାଦିଆନୀ ଆ ସ ଙ୍କ ଅସ୍ତିତ୍ୱରେ ଆବିର୍ଭୂତ ହୋଇସାରିଛନ୍ତି । ଅଲ୍ଲାଃତାଲାଙ୍କ ପ୍ରତିଶୃତି ମୁତାବକ ଏବେ ଇସଲାମ୍ ଧର୍ମର ପୁନରୁତ୍‌ଥାନ କାର୍ଯ୍ୟ ଏହି ପ୍ରତିଶୃତ ମସିହଙ୍କ ହାତରେ ହେବାର ଅଛି । ତେଣୁ ଆମ ଭିତରେ ଇସଲାମର ପ୍ରକୃର ଆତ୍ମାକୁ ବଜାୟ ରଖିବା ପାଇଁ ଆମେ ମସିହ୍ ମଉଦ୍ ଆ ସ ଙ୍କଠାରୁ ହିଁ ମାର୍ଗଦର୍ଶନ ହାସଲ କରିବା ।

ସୁତରାଂ ଯେବେ ଆମେ ଦେଖିଥାଉଁ ଯେ ତକୱା ସମ୍ବନ୍ଧରେ ହଜରତ୍ ମସିହ୍ ମଉଦ୍ ଆ ସ କ'ଣ କହିଛନ୍ତି । ତେବେ ଏହି ଆର୍ଟିକିଲ୍ ରୁ ବି ଆମକୁ ଏ ସୂଚନା ମିଳିଥାଏ ଯେ ତକୱା କ'ଣ ? ଯେମିତି କି ମୁଁ କହିସାରିଛି ଯେ ଆମେ ଏ ଦାବି କରିଥାଉଁ ଯେ ଆମେ ମୁସଲମାନ୍ ଓ ଆମେ ମୋମିନ୍ (ବିଶ୍ୱାସକାରୀ)ମାନଙ୍କ ମଧ୍ୟରେ ସାମିଲ ଅଛେ । ତାହେଲେ ଅମକୁ ହଜରତ୍ ମସିହ୍ ମଉଦ୍ ଆ ସ ଯାହା କହିଛନ୍ତି, ତାହା ଶୁଣିବାକୁ ହେବ ଯେ ଇମାନର ପ୍ରଥମ ସୋପାନ ହେଉଛି ଏହା କି ମଣିଷ ତକୱା ଗ୍ରହଣ କରୁ । ପୁଣି କହିଛନ୍ତି ଯେ ତକୱା କ'ଣ ?

ଏହାର ଉତର ହେଉଛି ଏହା କି ପ୍ରତ୍ୟେକ ପ୍ରକାରର ମନ୍ଦ କାର୍ଯ୍ୟରୁ ନିଜକୁ ବଂଚାଇବା ନିଜକୁ ରକ୍ଷା କରିବା । ଏବେ ଯଦି ଆମେ ଏହାର ସମୀକ୍ଷା କରିବା ତାହେଲେ ଦେଖିବା ଯେ ଏହା କୌଣସି ସାଧାରଣ କଥା ନୁହେଁ । ଆମେ ନିଜର ସମୀକ୍ଷା କଲେ ଜାଣିପାରିବା ଯେ କ'ଣ ଆମେ ତକୱା ପ୍ରତି ଥିବା କର୍ତବ୍ୟକୁ ପାଳନ କରି ହୁକୁକୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃତାଲାଙ୍କ ପ୍ରତି ଥିବା କର୍ତବ୍ୟ)କୁ ସମ୍ପାଦନ କରୁଅଛେ କି ? କ'ଣ ଆମେ ତକୱା ପ୍ରତି ଥିବା କର୍ତବ୍ୟକୁ ପାଳନ କରି ଅଲ୍ଲାଃତାଲାଙ୍କ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ କରୁଅଛେ କି ? ହଜରତ୍ ମସିହ୍ ମଉଦ୍ ଆ ସ କୁହନ୍ତି ଯେ ତକୱା କଣ , ଏହା ଆମକୁ ସେ ପର୍ଯ୍ୟନ୍ତ ଜଣାପଡିବ ନାହିଁ ଯେପର୍ଯ୍ୟନ୍ତ ସେ ବିଷୟରେ ଆମେ ସମ୍ପୂର୍ଣ୍ଣ ଜ୍ଞାନ ଆହାରଣ ନକରିଛେ । ଜ୍ଞାନ ଆହାରଣ କରିବା ଜରୁରୀ । କାରଣ ଜ୍ଞାନ ବିନା କିଛି ହାସଲ ହୋଇପାରିବ ନାହିଁ । ମଣିଷ ତାକୁ ହାସଲ କରିପାରିବ ନାହିଁ । ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ଏହି ଜ୍ଞାନ ଆହାରଣ କରିବାକୁ ହେବ ଯେ ଅଲ୍ଲାଃତାଲାଙ୍କର କ'ଣ ଅଧିକାର ରହିଛି ? ଭକ୍ତର କଣ ଅଧିକାର ଅଛି ? କେଉଁ କାର୍ଯ୍ୟ କରିବକୁ ଅଲ୍ଲାଃତାଲା ଆମକୁ ବାରଣ କରିଛନ୍ତି ? କେଉଁ କାର୍ଯ୍ୟ କରିବାକୁ ଅଲ୍ଲାଃତାଲା ଆମକୁ ନିର୍ଦ୍ଦେଶ ଦେଇଛନ୍ତି ? ଏସବୁ ଜାଣିବାକୁ ହେଲେ ବାରମ୍ବାର ପବିତ୍ର କୁରଆନ ପାଠକରନ୍ତୁ । ପୁଣି କହିଛନ୍ତି ଯେ ତୁମପାଇଁ ଏହା ଆବଶ୍ୟକ ଯେ ଯେବେ ବି ତୁମେ ପବିତ୍ର କୁରଆନ ପାଠ କରୁଛ ସେତେବେଳେ ମନ୍ଦ କାମଗୁଡିକର ବିବରଣୀ ଲେଖିଚାଲ । ପୁଣି ଖୁଦାତାଲାଙ୍କ କୃପା ଓ ସହଯୋଗରେ ଏହି ମନ୍ଦ କାର୍ଯ୍ୟରୁ ଦୂରେଇ ରହିବା ପାଇଁ ଚେଷ୍ଟା କରନ୍ତୁ । ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ଏହା ହେଉଛି ତକୱାର ପ୍ରଥମ ସୋପାନ ।

ତେଣୁ ଆମେମାନେ ଏହି ପବିତ୍ର ରମଜାନ୍ ମାସରେ ପବିତ୍ର କୁରଆନ୍ ପାଠ କରିଥାଉଁ । ସାଧାରଣତଃ ପବିତ୍ର କୁରଆନ୍ ପାଠ କରିବା ପାଇଁ ଅଧିକ ଧ୍ୟାନ ଦେଇଥାଉଁ । ତେଣୁ ଆମକୁ ଧ୍ୟାନ ଦେଇ ଏହାକୁ ପାଠ କରିବା ଉଚିତ ଯେ ଏଥିରେ ବର୍ଣ୍ଣିତ ଆଦେଶ ତଥା ନିଷେଧାଦେଶଗୁଡିକ

ଉପରେ ଅନୁଧ୍ୟାନ ,ଅନୁଶୀଳନ ଏବଂ ଅନୁଚିନ୍ତା କରିବା ଉଚିତ । ମନ୍ଦ କର୍ମରୁ ନିବୃତ ରହିବା ଉଚିତ ଏବଂ ଭଲ କର୍ମ କରିବାକୁ ଚେଷ୍ଟା କରିବ ଉଚିତ । ଏହି ଶିକ୍ଷା ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରିବା ଉଚିତ । ହଜରତ୍ ମସିହ ମଉଦ୍ ଆ ସ କୁହନ୍ତି :- ପବିତ୍ର କୁରଆନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅୱାମିର ଏବଂ ନୱାହି (ଅର୍ଥାତ କ'ଣ କରିବ ଓ କଣ ନକରିବ)ତଥା ଈଶ୍ୱରଙ୍କ ତତ୍‌ସମ୍ପର୍କୀୟ ସମସ୍ତ ଆଦେଶାବଳୀ ସବିବରଣୀ ବର୍ଣ୍ଣିତ ରହିଛି । ସୁତରାଂ ଅମକୁ ଏହି ଜିନିଷଗୁଡିକ ପ୍ରତି ଧ୍ୟାନ ଦେବାକୁ ହେବ । ଏ ବିଷୟରେ ଚିନ୍ତା କରିବା ଉଚିତ ଓ ଆ ଉପରେ ପରିଚାଳିତ ହେବା ଉଚିତ । ଏହା ହିଁ ଜଣେ ମୋମିନ(ଈଶ୍ୱର ବିଶ୍ୱାସୀ)ର ଲକ୍ଷଣ । ହଜରତ୍ ମସିହ୍ ମଉଦ୍ ଆ ସ ଏ ପ୍ରସଙ୍ଗରେ ବହୁତ ଗୁରୁତ୍ୱ ଦେଇ କହନ୍ଛନ୍ତି ଯେ ଯେପର୍ଯ୍ୟନ୍ତ ମଣିଷ ମୁତତକି(ଧର୍ମପରାୟଣ /ଧାର୍ମିକ)ନ ହୋଇଛି ,ତାହାର ଉପାସନା ଓ ପ୍ରାର୍ଥନା ସବୁ ଗ୍ରହଣୀୟ ହୋଇନଥାଏ । କାରଣ ଅଲ୍ଲାଃତାଲା ଏହା ହିଁ ନିର୍ଦ୍ଦେଶ ଦେଇଛନ୍ତି ଯେ:- **ଇନ୍ନମା ୟତକବ୍‌ବଲୁଲ୍ଲାହୁ ମିନଲ୍ ମୁତ୍‌ତକୀନ୍ (ଅଲମାଇଦାଃ:୨୮)** ଅର୍ଥାତ୍ ଅଲ୍ଲାଃତାଲା ଅବଶ୍ୟ ମୁତ୍‌ତକୀ (ଧର୍ମପରାୟଣ/ଧାର୍ମିକ) ଲୋକମାନଙ୍କର ଉପାସନା (ପ୍ରାର୍ଥନା)କୁ ଗ୍ରହଣ କରିଥାନ୍ତି । ପୁଣି କହିଲେ :-ଏହା ସତ୍ୟ ବଚନ ଯେ କେବଳ ମୁତ୍‌ତକୀ (ଧର୍ମପରାୟଣ/ଧାର୍ମିକ) ଲୋକମାନଙ୍କର ହିଁ ରୋଜା ତଥା ନମାଜ ଗ୍ରହଣୀୟ ହୋଇଥାଏ । ଏଠାରେ ପ୍ରଶ୍ନ ଉଠୁଛି ଯେ ଉପାସନା (ପ୍ରାର୍ଥନା) ଗ୍ରହଣୀୟ ହେବାର ଅର୍ଥ କଣ ? ଏହାର ଉତର ହେଉଛି ଏପରି କି ଯେତେବେଳେ ଆମେ ଏକଥା କହିଥାଉଁ ଯେ ଆମ ନମାଜ୍ କୁବୁଲ୍(ଗ୍ରହଣୀୟ)ହୋଇଗଲା ବୋଲି, ସେଠାରେ ଏହାର ଅର୍ଥ ହେଉଛି ନମାଜର ପ୍ରଭାବ ଓ କଲ୍ୟାଣ ନମାଜ ପାଠକରୁଥିବା ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଅଛି । ଯେପର୍ଯ୍ୟନ୍ତ ସେହି ଆଶୀର୍ବାଦ ଓ ପ୍ରଭାବ ସୃଷ୍ଟି ହୋଇନାହିଁ , ମହାଭାଗ ଆ ସ କହିଲେ ସେପର୍ଯ୍ୟନ୍ତ ଖାଲି ମଣ୍ଡିଆ ମାରିବା ବ୍ୟତୀତ ଆଉ ସେଥିରେ କିଛି ନାହିଁ । ଅତେବ ଆମକୁ ଦେଖିବାକୁ ହେବ ଯେ କ'ଣ ଆମର ରମଜାନ୍ , ଆମର ରୋଜା ଆମକୁ ସେହି ସ୍ତରରେ ପଂହଚାଇଦେବା ପାଇଁ ପ୍ରଚେଷ୍ଟା କରୁଅଛି ? ଆପଣ ଆ ସ କହିଲେ ଯେ ଯଦି ତ୍ରୁଟିପୂର୍ଣ୍ଣ ଜୀବନ ତଥା କୁକର୍ମରେ ଲିପ୍ତ ଜୀବନ ଅତିବାହିତ ହେଉଅଛି ତାହେଲେ ତୁମେ ହିଁ ବତାଓ ଯେ ଏପରି ନମାଜ ଦ୍ୱାରା ତାକୁ କ'ଣ ଲାଭ ମିଳିଲା ? ଏଠାରେ ତ ଆବଶ୍ୟକ ଏହା ଥିଲା ଯେ ନମାଜ ସହିତ ତାହାର ଦୁଷ୍କର୍ମ ତଥା କୁକର୍ମଗୁଡିକ ,ଯେଉଁଥିରେ ସେ ଲିପ୍ତ ଥିଲା ,ତାହା ହ୍ରାସ ପାଇଥାନ୍ତା ଓ ନମାଜ ତାପାଇଁ ଗୋଟିଏ ଉତମ ସାଧନ ହୋଇଥାନ୍ତା । ପୁଣି କହିଲେ ;-ଅତଃ ମୋମିନ ହେବାକୁ ଚହୁଁଥିବା ଲୋକପାଇଁ ପ୍ରଥମ ସୋପାନ ତଥା କଷ୍ଟକର କାର୍ଯ୍ୟ ହେଉଛି ଏହା ଯେ ସେ ଦୁଷ୍କର୍ମରୁ ତଥା କୁକର୍ମରୁ ଦୂରେଇ ରହୁ । ଏହାର ନାମ ହେଉଛି ତକୱା (ଅର୍ଥାତ୍ ଧର୍ମପରାୟଣତା) ।**(ମଲଫୁଜାତ୍ , ଖ-୦୮ , ପୃ-୩୭୪-୩୭୭ , ଏଡିଶନ୍ ୧୯୮୪)**

ଅତେବ ଯଦି ଆମର ନମାଜ , ରୋଜା ତଥା ଆମର କୋରାନ ପାଠକରିବା ଆମ ମଧ୍ୟରେ କୌଣସି ବ୍ୟବହାରିକ ପରିବର୍ତନ ସୃଷ୍ଟି କରିପାରିଲା ନାହିଁ ଏବଂ ରୋଜାର ଯେଉଁ ଚରମ ଉଦ୍ଦେଶ୍ୟ ରହିଛି ଅର୍ଥାତ୍ ଧର୍ମପରାୟଣତା ,ତାହା ହାସଲ କରିବା ପାଇଁ ଚେଷ୍ଟା କରାଗଲାନାହିଁ, ତାହେଲେ ଆମେ ଆମର ରୋଜାର ଉଦ୍ଦେଶ୍ୟକୁ ପୂରଣ କଲେ ନାହିଁ ।

ଆମେ ସେହି ଢାଲ ବିଷୟରେ ଖାଲି କଥା ତ ହେଉଛେ ଯେ ଆଁହଜରତ୍ ସ ଆ ସ କହିଛନ୍ତି ଯେ ରୋଜା ହେଉଛି ଗୋଟିଏ ଢାଲ କିନ୍ତୁ ଆମେ ସେହି ଢାଲକୁ ବ୍ୟବହାର କରିବାର ଶୈଳୀକୁ ଶିଖିବାପାଇଁ ଚେଷ୍ଟା କଲେ ନାହିଁ । ଆମେ ସହରୀ ତଥା ଇଫ୍‌ତାରୀ କୁ ଭଲଭାବରେ କଲୁ କିନ୍ତୁ ଆମେ ସହରୀ ତଥା ଇଫ୍‌ତାରୀ ଖାଇବାର ଉଦ୍ଦେଶ୍ୟକୁ ପୂରଣ କଲୁ ନାହିଁ । ଆମେ ସାରା ଦିନ ନଖାଇ ନପିଇ ବିତାଇ ତ ଦେଲୁ କିନ୍ତୁ ଆମେ ଏହି ଉପବାସର ଉଦ୍ଦେଶ୍ୟକୁ ପୂରଣ କଲୁ ନାହିଁ । ତେଣୁ ଆମେ ଆମ ନିଜର ସମୀକ୍ଷା କରିବାକୁ ହେବ ଯେ ଯେଉଁ ଉଦ୍ଦେଶ୍ୟ ଧର୍ମପରାୟଣତା ଦ୍ୱାରା ସାଧନ ହୋଇଥାଏ ଓ ଯେଉଁ ଧର୍ମପରାୟଣତା ଆମ ମଧ୍ୟରେ ସୃଷ୍ଟି ହେବାର ଥିଲା ତାହା ହେଲା କି ନାହିଁ ।

ହଜରତ୍ ମସିହ୍ ମଉଦ୍ ଆ ସ ଙ୍କର ଆଉକିଛି ଆଲେଖ୍ୟ, ଯାହା ତକୱା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି ,ମୁଁ ଏଠାରେ ତାହା ଉପସ୍ଥାପନ କରୁଅଛି । ଏହି ବିଷୟବସ୍ତୁ ଗୁଡିକ ଆମର ମାର୍ଗଦର୍ଶନ କରିଥାଏ ଯେ ଅସଲ ତକୱା କ'ଣ ଓ କେଉଁପ୍ରକାରର ତକୱା ଆମ ମଧ୍ୟରେ ହଜରତ୍ ମସିହ୍ ମଉଦ୍ ଆ ସ ସୃଷ୍ଟି କରିବାକୁ ଚହୁଁଛନ୍ତି ?

ଏ ସମ୍ବନ୍ଧରେ ଗୋଟିଏ ଅବସରରେ ହଜରତ୍ ମସିହ୍ ମଉଦ୍ ଆ ସ କହଛନ୍ତି ଯେ ''ଅସଲ ତକୱା,ଯେଉଁଥିରେ ମଣିଷ ଶୁଦ୍ଧ ତଥା ପରିଷ୍କାର ହୋଇଥାଏ ଓ ଯେଉଁ ଉଦ୍ଦେଶ୍ୟ ପାଇଁ ଅମ୍ବିୟମାନେ ଆସିଥାନ୍ତି , ତାହା ଏଦୁନିଆରୁ ଉଠିଗଲାଣି । କିଏ ଥିବ ଯିଏ **କଦ୍ ଅଫଲହା ମନ୍ ଜକ୍କାହା (ଅସ ଶମସ:୧୦)** ର ଉଦାହରଣ ଥିବ ।''ଅର୍ଥାତ୍ ଯିଏ ନିଜକୁ ପବିତ୍ର ଓ ଶୁଦ୍ଧ କଲା ସେ ନିଜର ଉଦ୍ଦେଶ୍ୟକୁ ପାଇଗଲା । କହିଲେ :-କିଏ ଥିବ ଯିଏ **କଦ୍ ଅଫଲହା ମନ୍ ଜକ୍କାହା** ର ଉଦାହରଣ ଥିବ ।'' ପବିତ୍ରତା ତଥା ଶୁଦ୍ଧତା ବହୁତ ଉତମ ଜିନିଷ । ଯଦି ମଣିଷ ପବିତ୍ର ଓ ପରିଷ୍କାର ରହେ ତାହେଲେ ଫରିସ୍ତା(ଦେବଦୂତ)ମାନେ ତାହ ସହିତ ହାତ ମିଳାଇଥାନ୍ତି । ଲୋକମାନଙ୍କ ମଧ୍ୟରେ ଏ ବିଷୟରେ ସ୍ପୃହା ନାହିଁ ନଚେତ ଏହାର ମଜା ପ୍ରତ୍ୟେକ ହଲାଲ୍ (ବୈଧ) ମାଧ୍ୟମ ଦ୍ୱାରା ସେମାନଙ୍କୁ ପ୍ରାପ୍ତ ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ଚୋର ଏଇଥିପାଇଁ ଚୋରିକରିଥାଏ ଯେ ତାକୁ ଧନପ୍ରାପ୍ତି ହେଉ । କିନ୍ତୁ ଯଦି ସେ ଧୈର୍ଯ୍ୟ ଧରିବ ତାହେଲେ ଖୁଦାତାଲା ତାକୁ ଅନ୍ୟ ମାର୍ଗରୁ ଧନ ପ୍ରଦାନ କରିଦେବେ ।'' ଏବଂ ଏହି ଚୋରି କେବଳ ବ୍ୟବହାରିକ ଚୋରି ନୁହେଁ । କେତେକ ବ୍ୟବସାୟୀ, ଯେଉଁମାନେ ନିଜର ଭୂଲ ଜିନିଷଗୁଡିକୁ ବିକ୍ରୀ କରିଥାନ୍ତି , ସେମାନେ ବି ଏହି ବର୍ଗରେ ଆସୁଛନ୍ତି । ''ସେହିପରି ଜଣେ ବ୍ୟଭିଚାରୀ ବ୍ୟଭିଚାର କରିଥାଏ, ଯଦି ସେ ଧୈର୍ଯ୍ୟ ଧରିଥାଏ ଓ ସେଥିରୁ ନିବୃତ ରହଥାଏ ତାହେଲେ ଖୁଦାତାଲା ତାହାର ଇଚ୍ଛା ଓ କମନାକୁ ଅନ୍ୟ କୌଣସି ଜରିଆରେ ପୂରଣ କରିଦେଇଥାନ୍ତି, ଯେଉଁଥିରେ ତାହାର ପ୍ରସନ୍ନତା ଓ ସାନିଧ୍ୟ ପ୍ରପ୍ତ ହୋଇଥାଏ । ହଦିସରେ ଆସିଛି ଯେ କୌଣସି ଚୋର ମୋମିନ ଥିବା ଅବସ୍ଥାରେ ଚୋରି କରିଥାଏ । କୌଣସି ବ୍ୟଭିଚାରୀ ମୋମିନ ରହିଥିବା ଅବସ୍ଥାରେ ବ୍ୟଭିଚାର କରିନଥାଏ ।'' ଅର୍ଥାତ ଯେତେବେଳେ ଇମାନ୍ ମନରୁ ବାହାରି ଚାଲିଯାଇଥାଏ ସେତେବେଳେ ମଣିଷ ଏପରି କାମ କରିଥାଏ । ପୁଣି କହିଲେ ଯେ-:''ଯେପରି ଗୋଟିଏ ଛେଳିର ମୁଣ୍ଡ ଉପରେ ଯଦି ସିଂହ ଛିଡା ହୋଇଥାଏ , ଛେଳିଟି ଘାସ ବି ଖାଇ ପାରିନଥାଏ । ସୁତରାଂ ଗୋଟିଏ ଛେଳିସମ ଇମାନ୍ ବି ଲୋକମାନଙ୍କର ବି ନାହିଁ'' ମଣିଷ ଯେବେ ପାପ ତଥା ମନ୍ଦ କାର୍ଯ୍ୟ କରିଥାଏ ସେତେବେଳେ ସେ ଏକଥା ଅନୁଭବ କରିବା ଉଚିତ ଯେ ଖୁଦାତାଲାଙ୍କର ନଜର ଆମ ଉପରେ ସର୍ବଦା ରହିଛି । ପୁଣି କହିଲେ ଯେ:- ମୂଳ ଉଦ୍ଦେଶ୍ୟ ହେଉଛି ତକୱା (ଅର୍ଥାତ୍ ଧର୍ମପରାୟଣତା) । ଏହା ଯାହାକୁ ମିଳିଗଲା ସେ ସବୁକିଛି ପାଇପାରେ । ଏହା ବିନା ଏକଥା ସମ୍ଭବ ନୁହେଁ ଯେ ମଣିଷ ଛୋଟ ବା ବଡ ବଡ ପାପରୁ ବଂଚି ପାରିବ ।'' ଛୋଟ ତଥା ବଡ ପାପରୁ ବଂଚୁ । ମନୁଷ୍ୟକୃତ ସାଂସାରିକ ସରକାରଙ୍କ ଆଦେଶ ଆମକୁ ପାପରୁ ବଂଚାଇପାରିବ ନାହିଁ । କାରଣ ସରକାରୀ କତୃପକ୍ଷ ସାଥିରେ ରହିନଥାନ୍ତି ଯେ ସେମାନଙ୍କର ଭୟ ରହିବ । ମଣିଷ ନିଜକୁ ଏକୁଟିଆ ପାଇ ପାପ କରିଚାଲେ ନଚେତ୍ ସେ ଏମିତି କେବେ ବି କରିବନାହିଁ । ଯେତେବେଳେ ସେ ନିଜକୁ ଏକୁଟିଆ ଭାବିଥାଏ ସେତେବେଳେ ସେ ନାସ୍ତିକ ହୋଇଯାଏ ।'' ତା ଭିତରେ କୌଣସି ଇମାନ ନଥାଏ । ତେଣୁ ଈଶ୍ୱର ତା ହୃଦୟ ଭିତରୁ ବାହାରି ଚାଲିଯାଇଥାନ୍ତି । ସେ ନାସ୍ତିକ ହୋଇଯାଏ । ''ସେ ଏକଥା ଚିନ୍ତାକରେ ନାହିଁ ଯେ ମୋ ଈଶ୍ୱର ମୋ ସହିତ ଅଛନ୍ତି ଓ ମୋତେ ଦେଖୁଛନ୍ତି । ଯଦି ସେ ଏକଥା ଭାବୁଥାନ୍ତା ଯେ ସେ ମତେ ଦେଖୁଛନ୍ତି ବୋଲି ତାହେଲେ ସେ ପାପ କରନ୍ତା ନାହିଁ । ତକୱା (ଧର୍ମପରାୟଣତା)ହେଉଛି ସବୁକିଛି । ପବିତ୍ର କୁରଆନର ପ୍ରାରମ୍ଭ ଏଥିରୁ ହୋଇଛି । **ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଇନ୍** (ସୁରଃ ଅଲଫାତିହା : ୦୫)ର ଅର୍ଥ ବି ଏହି ତକୱା । ମଣିଷ ଯଦିଓ କର୍ମ କରିଥାଏ କିନ୍ତୁ ଭୟରେ ଏକଥା କହିବାକୁ ସାହସ କରିନଥାଏ ଯେ ସେ ଏହି କାମ କରିଛି । ସେ ଏହାକୁ ଖୁଦାତାଲାଙ୍କ ସହାଯ୍ୟ ବୋଲି ବିବେଚନା କରିଥାଏ । ପୁଣି ସେ ଭବିଷ୍ୟତ ପାଇଁ ତାହାଠାରୁ ହିଁ ସାହାଯ୍ୟ ଲୋଡିଥାଏ ।'' ସେ ଅଲ୍ଲାଃତାଲାଙ୍କଠାରୁ ସାହାଯ୍ୟ ମାଗିଥାଏ । ଯଦି କିଛି ପୂଣ୍ୟକର୍ମକରିଥାଏ , ତାହେଲେ ସେ ଏହା କହିନଥାଏ ଯେ ଏଥିରେ ମୋର କିଛି ସିଦ୍ଧତା ବା ବିଶେଷତା ଅଛି ବା ମୁଁ ପୂଣ୍ୟକର୍ମର କୌଣସି ଉଚ୍ଚ ସ୍ତରରେ ପଂହଚି ଯାଇଛି ବୋଲି । ବରଂ ଏହା ତ ଅଲ୍ଲାଃତାଲା ଙ୍କ କୃପା ଯେ ସେ ମତେ ଏହି ପୂଣ୍ୟ କରିବାକୁ , ନମାଜ ପାଢିବାକୁ ଅବସର ପ୍ରଦାନ କଲେ । ଦୁଆ କରିବାକୁ ଶକ୍ତି ପ୍ରଦାନ କଲେ ।'' ପୁଣି ଦ୍ୱିତୀୟ ସୁରଃ ମଧ୍ୟ **ହୁଦଲ୍ ଲିଲ୍ ମୁତତକୀନ୍** (ସୁରଃ ଅଲବକରାଃ:୦୩) ରୁ ଆରମ୍ଭ ହୋଇଛି । ନମାଜ , ମଣିଷର ରୋଜା ଏବଂ ଜକାତ୍ ସବୁକଛି ସେତେବେଳେ ଗ୍ରହଣ ହୋଇଥାଏ ଯେତେବେଳେ ସେ ମୁତତକୀ (ଅର୍ଥାତ୍ ଧର୍ମପରାୟଣ) ହୋଇଥାଏ । ସେତେବେଳେ ପାପ ଅଡକୁ ଡାକୁଥିବା ସମସ୍ତ ସାଧନକୁ ଖୁଦାତାଲା ଉଠାଇଦେଇଥାଏ ।'' ଅର୍ଥାତ୍ ପାପ ଆଡକୁ ଡାକି ଆଣୁଥିବା ସମସ୍ତ ଜିନିଷକୁ । ଯଦି ତକୱା ଥିବ ତାହେଲେ ସେସବୁକୁ ଅଲ୍ଲାଃତାଲା ଦୂରେଇଦେଇଥାନ୍ତି । '' ସ୍ତ୍ରୀ ଆବଶ୍ୟକ ଥିଲେ ସ୍ତ୍ରୀ ଦେଇଥାଏ । ଔଷଧ ଆବଶ୍ୟକ ଥିଲେ ଔଷଧ ଦେଇଥାଏ । ଯେଉଁ ଜିନିଷର ଆବଶ୍ୟକ ଥାଏ ସେ ଦେଇଥାଏ ଓ ସେ ଏମିତି ସ୍ଥାନରୁ ରିଜକ୍ (ଗୁଜୁରାଣ) ଯୋଗାଇଥାଏ ଯେ , ସେ ନିଜେ ହିଁ ଜାଣିନଥାଏ । ଆଉଗୋଟିଏ ଆୟତ ପବିତ୍ର କୁରଆନରେ ଅଛି **ଇନ୍ନଲ୍ଲଜିନା କାଲୁ ରବବୁନଲ୍ଲାହୁ ସୁମ୍ମସ୍ ତକାମୁ ତତନଜ୍ଜଲୁ**

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**ଆଲୈହିମୁଲ୍ ମଲାଇକତୁ ଅଲ୍ଲା ତଖାଫୁ ୱ୍ଲା ତହଜନୁ (ସୁରଃ ହାମିମ୍ ସଜଦାଃ :୩୧)** ଏହାର ଅର୍ଥ ବି ତକଓ୍ୱା । ସୁମ୍ମସ୍ତକାମୁ ଅର୍ଥାତ୍ ସେମାନଙ୍କ ଉପରେ ଭୁମିକମ୍ପ ଆସୁ ବା ଦୁଃଖ କଷ୍ଟ ଆସୁ ବା ଝଡତୋଫାନ ଆସୁ କିନ୍ତୁ ସେମାନେ ଯେଉଁ ପ୍ରତିଜ୍ଞା କରିଥିଲେ ସେଥିରୁ ଓହରିଗଲେ ନାହିଁ । '' ନିଷ୍ଠାପୂର୍ଣ୍ଣ ଭାବରେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ରଖିଲେ । ଥରେ ବିଶ୍ୱାସ ଆଣିବା ପରେ ସେହି ବିଶ୍ୱାସରେ ଦୃଢରୁ ଦୃଢତର ହୋଇଚାଲିଲେ । ଏପରି ନୁହେଁ ଯେ ସାମାନ୍ୟ କଥାରେ ବିଶ୍ୱାସ ଦୋହଲି ଗଲା ବା ପ୍ରକମ୍ପିତ ହୋଇଗଲା ।

''ପୁଣି ଆଗକୁ ଖୁଦାତାଲା କୁହନ୍ତି ଯେ ଯେତେବେଳେ ସେମାନେ ଏପରି କଲେ ଓ ଆନ୍ତରିକତା ତଥା ବିଶ୍ୱସ୍ତତା ଦେଖାଇଲେ , ସେତେବେଳେ ସେମାନଙ୍କୁ ଏହି ପୁରସ୍କାର ମିଳିଲା ଯେ **ତତନଜ୍ଜଲୁ ଆଲୈହିମୁଲ୍ ମଲାଇକତୁ** ଅର୍ଥାତ ସେମାନଙ୍କ ଉପରେ ଫରିସ୍ତା ଅବତରଣ କଲେ ଓ କହିଲେ ଯେ ଭୟ କରନାହିଁ କି ଦୁଃଖ କରନାହିଁ । ଖୁଦାତାଲା ତୁମାମାନଙ୍କର ସର୍ବେସର୍ବା । **ୱ ଅବ୍‌ଶିରୁ ବିଲ୍ ଜନ୍ନତିଲ୍ ଲତି କୁନ୍‌ତୁମ୍ ତୁଅଦୁନ୍(ସୁରଃ ହାମିମ୍ ସଜଦାଃ :୩୧)** ଏବଂ ସୁସମାଚାର ଦେଲେ ଯେ ତୁମେ ଏହି ବୈକୁଣ୍ଠକୁ ପାଇ ଖୁସି ହୋଇଯାଅ ଏବଂ ଏହି ବୈକୁଣ୍ଠ ହେଉଛି ଏହି ଜଗତର ବୈକୁଣ୍ଠ । ଯେପରି ପବିତ୍ର କୁରଆନରେ ଏହା ବର୍ଣ୍ଣିତ ଅଛି ଯେ **ୱଲେ ମନ୍ ଖାଫା ମକାମା ରବ୍‌ବିହି ଜନ୍ନତାନ୍ (ସୁରଃ ରହମାନ୍ :୪୭)**ପୁଣି ଆଗକୁ କୁହାଯାଇଛି **ନହନୁ ଅଓଲିୟାଉକୁମ୍ ଫିଲ୍ ହୟାତିଦ୍ଦୁନ୍‌ୟା ୱ ଫିଲ୍ ଆଖିରତି (ସୁରଃ ହାମିମ୍ ସଜଦାଃ :୩୧)** ଅର୍ଥାତ ଏହି ଦୁନିଆରେ ଏବଂ ଆରପାରିରେ ମଧ୍ୟ ଆମେ ତୁମର ବନ୍ଧୁ ଓ ଅଭିଭାବକ ।''**(ମଲଫୁଜାତ୍ , ଖ-୦୪, ପୃ-୨୫୧-୨୫୩,ଏଡିଶନ୍ ୧୯୮୪)**

ଅତେବ ସେମାନେ କେଡେ ଭାଗ୍ୟବାନ୍ ଯେଉଁମାନଙ୍କର ଅଲ୍ଲାଃତାଲା ବନ୍ଧୁ ତଥା ଅଭିଭାବକ ହୋଇଗଲେ,ଯେଉଁମାନେ ଈଶ୍ୱରଙ୍କୁ ପ୍ରସନ୍ନ କରିବାକୁ ସମସ୍ତ କର୍ମ କରୁଛନ୍ତି ।

ପୁଣି ତାପରେ ମୋମିନ ଏବଂ କାଫିରମାନଙ୍କର ସଫଳତା ମଧ୍ୟରେ କଣ ଫରକ ରହିଛି , ମୋମିନ କିପରି ସଫଳତାକୁ ଅବଲୋକନ କରିଥାଏ ଓ କାଫିର୍(ଅର୍ଥାତ ଅବିଶ୍ୱାସକାରୀ)କିପରି ଅବଲୋକନ କରିଥାଏ ? ଏ ବିଷୟରେ ବ୍ୟାଖ୍ୟା କରି କୁହନ୍ତି ଯେ :- ଏହି ସିଦ୍ଧାନ୍ତକୁ ସର୍ବଦା ମନେରଖନ୍ତୁ ଯେ ମୋମିନର କାର୍ଯ୍ୟ ହେଉଛି ଏହା କି ସେ ତାର କୌଣସି ସଫଳତାରେ ଲଜ୍ଜିତ ହୋଇଥାଏ । ଲଜ୍ଜିତ କାହିଁକି ହୋଇଥାଏ ? ସେ ଏକଥା ପ୍ରକାଶ କରିଥାଏ ଯେ ମୁଁ ତ ଏହାର ଯୋଗ୍ୟ ନଥିଲି । ଅଲ୍ଲାଃତାଲାଙ୍କ କୃପା ଓ ଆଶୀଷ ମତେ ଏ ସବୁକିଛି ପ୍ରଦାନ କରିଅଛି । ଯାହା ବି କିଛି ମିଳିଛି , ତାହା ଅଲ୍ଲାଃଙ୍କ ଅନୁଗ୍ରହ ତଥା କୃପାରୁ ହିଁ ମିଳିଅଛି ନା କି ମୋର କୌଣସି ପୂଣ୍ୟକର୍ମ ଯୋଗୁଁ , ମୋର କୌଣସି ଜ୍ଞାନ ଯୋଗୁଁ ,ମୋର କୌଣସି ବୁଦ୍ଧି ଯୋଗୁଁ ,ମୋର କୌଣସି ଧନ ଦଉଲତ ଯୋଗୁଁ ବା ମୋର କୌଣସି ଶାରିରୀକ ଶକ୍ତି ଯୋଗୁଁ । ନୁହେଁ ବରଂ ଏହା କେବଳ ଖୁଦାତାଲାଙ୍କର କୃପା ଓ ଅନୁଗ୍ରହ ଯୋଗୁଁ । ଯେତେବେଳେ ସେ ଏହା ହୃଦୟଙ୍ଗମ କରିଥାଏ ସେତେବେଳେ ସେ ଖୁଦାତାଲାଙ୍କର ପ୍ରଶଂସା ଓ ସ୍ତୁତିଗାନ କରିଥାଏ ଯେ ଅଲ୍ଲାଃ ମୋ ଉପରେ କୃପା କରିଛନ୍ତି । ଏହିପରି ସେ ତାର ପାଦ ଆଗକୁ ବଢାଇଥାଏ ଏବଂ ପ୍ରତ୍ୟେକ ପ୍ରକାରର ଦୁଃଖ ଓ ବିପତି ସମୟରେ ନିଜର ବିଶ୍ୱାସକୁ ସୁଦୃଢ କରିଚାଲିଥାଏ । ପୁଣି କହିଲେ : ଏକଥା ମନେରଖ ଯେ କାଫିର୍(ଅବିଶ୍ୱାସକାରୀ)ଙ୍କ ସଫଳତା ହେଉଛି ପଥଭ୍ରଷ୍ଟତାର ମାର୍ଗ କିନ୍ତୁ ମୋମିନମାନଙ୍କର ସଫଳତା ମୋମିନମାନଙ୍କ ପାଇଁ ଆଶୀର୍ବାଦର ଦ୍ୱାରକୁ ଖୋଲିଦେଇଥାଏ । କାଫିର୍ ଯେହେତୁ ନିଜର ପ୍ରତ୍ୟେକ କାମ ପାଇଁ ଗର୍ବକରିଥାଏ ଓ ନିଜକୁ ଏହାର କ୍ରେଡିଟ୍ ଦେଇଥାଏ , ତେଣୁ ସେ ବିପଥଗାମୀ ହୋଇଥାଏ । କିନ୍ତୁ ମୋମିନ୍ , ଅର୍ଥାତ୍ ପ୍ରକୃତ ମୋମିନ୍ ଯେବେ ପ୍ରତ୍ୟେକ କାର୍ଯ୍ୟପାଇଁ ଅଲ୍ଲାଃତାଲାଙ୍କୁ ଶ୍ରେୟ ଦେଇଥାଏ , ସେତେବେଳେ ତାଉପରେ ଆଶୀର୍ବାଦର ଦ୍ୱାର ଖୋଲିଥାଏ । ପୁଣି କହିଲେ :- ଜଣେ କାଫିରର ସଫଳତା ଏଇଥିପାଇଁ ତାକୁ ବିପଥଗାମୀ କରାଏ ଯେ ସେ ଖୁଦାତାଲାଙ୍କ ଆଡକୁ ଫେରିନଥାଏ ବରଂ ନିଜର ପରଶ୍ରମ,ବୁଦ୍ଧି ଓ ଚତୁରତା ତଥା ଯେଗ୍ୟତାକୁ ଖୁଦା(ଈଶ୍ୱର)ମଣିଥାଏ । କିନ୍ତୁ ଜଣେ ମୋମିନ୍ ଖୁଦାତାଲାଙ୍କ ଅଡକୁ ଫେରି ଖୁଦାତାଲାଙ୍କ ସହିତ ଏକ ନୂତନ ପରିଚୟ ସୃଷ୍ଟି କରିଥାଏ । ସୁତରାଂ ଏହିପରି ସେ ପ୍ରତ୍ୟେକ ସଫଳତା ପରେ ତାର ଖୁଦାତାଲାଙ୍କ ସହିତ ଏକ ନୂଆ ସମ୍ପର୍କ ଆରମ୍ଭ ହୋଇଯାଏ । ଏଥିରେ ପରିବର୍ତନ ବି ହୋଇଚାଲିଥାଏ । **ଇନ୍ନଲ୍ଲାହା ମାଅଲ୍ଲଜିନତ୍ ତକଓ (ସୁରଃ ନହଲ୍ : ୧୨୯)** ଅର୍ଥାତ୍ ଖୁଦାତାଲା ସେମାନଙ୍କ ସାଥିରେ ଅଛନ୍ତି ଯେଉଁମାନେ ମୁତ୍‌ତକୀ(ଅର୍ଥାତ୍ ଧାର୍ମିକ/ ଧର୍ମପରାୟଣ) ।

ଏହା ମାନେ ରଖିବା ଉଚିତ୍ ଯେ ପବିତ୍ର କୁରଆନରେ ତକଓ୍ୱା ଶବ୍ଦଟି ଅନେକ ଥର ଆସିଛି । (ଶହେରୁ ଅଧିକ ଥର) । ଏହାର ଅର୍ଥ ପ୍ରଥମେ ଏହି ପ୍ରଥମ ଶବ୍ଦରୁ କରାଯାଉଛି । ଏଠାରେ ମାଆ ଶବ୍ଦ ଆସିଛି । ଅର୍ଥାତ୍ ଯିଏ ଖୁଦାଙ୍କୁ ପ୍ରଥମ ସ୍ଥାନ ଦେଇଥାଏ ଖୁଦାତାଲା ତାକୁ ପ୍ରଥମ ସ୍ଥାନରେ ରଖିଥାନ୍ତି ଓ ତାକୁ ସଂସାରର ସମସ୍ତ ପ୍ରକାରର ଅପମାନରୁ ରକ୍ଷା କରିଥାନ୍ତି । ପୁଣି ସେ କହିଲେ:- ମୋର ଏ ବିଶ୍ୱାସ ଅଛି ଯେ ଯଦି ଜଣେ ଏ ଦୁନିଆରେ ପ୍ରତ୍ୟେକ ପ୍ରକାରର ଅପମାନରୁ ତଥା କଷ୍ଟରୁ ବଂଚିବାକୁ ଚାହୁଁଥାଏ ତାହେଲେ ତାପାଇଁ ଗୋଟିଏ ମାର୍ଗ ଖୋଲା ଅଛି ଯେ ସେ ଧର୍ମପରାୟଣ ହୋଇଯାଉ । ତାହେଲେ ତାର କିଛି ଅଭାବ ରହିବ ନାହିଁ । ଅତଃ ଜଣେ ମୋମିନର ସଫଳତା ତାକୁ ଆଗକୁ ନେଇଯାଇଥାଏ ଓ ସେ ସେଠାରେ ରହିଯାଏନାହିଁ । **(ମଲଫୁଜାତ୍ , ଖ-୦୧ ,ପୃ-୧୫୫-୧୫୬ , ଏଡିଶନ୍ ୧୯୮୪)**

ପୁଣି କୁହନ୍ତି ''ତକଓ୍ୱାର ପ୍ରଭାବ ଏ ଦୁନିଆରେ ଧର୍ମପରାୟଣ ବ୍ୟକ୍ତିମାନଙ୍କ ଉପରେ ପଡିବା ଆରମ୍ଭ ହୋଇଯାଇଥାଏ । ଏହା କେବଳ ଉଧାର ନୁହେଁ ନଗଦ ଅଟେ । ବରଂ ଯେପରି ବିଷର ପ୍ରଭାବ ତଥା ଆଂଟିଡଟ୍ ର ପ୍ରଭାବ ତତକ୍ଷଣାତ ଶରୀର ଉପରେ ପଡିଥାଏ ଠିକ ସେହିପରି ତକଓ୍ୱାର ପ୍ରଭାବ ବି ହୋଇଥାଏ ।'' **(ମଲଫୁଜାତ୍ , ଖ-୦୨ ,ପୃ-୩୨୪, ଏଡିଶନ୍ ୧୯୮୪)**

ତେଣୁ ଯଦି ଭଲକାମ କରିବା , ଉପାସନା କରିବା ଓ ପୂଣ୍ୟକର୍ମ କରିବା ସତ୍ୱେ ବି ଏହା ମଣିଷର ପରିସ୍ଥିତି ଉପରେ ପ୍ରଭାବ ପକାଉ ନାହିଁ ତାହେଲେ ଚିନ୍ତାର ବିଷୟ । ଅନେକ ଲୋକେ କିଛି ପ୍ରଶ୍ନ ବି ଲେଖିପଠାଇଥାନ୍ତି ଯେ ଏହା କିପରି ଜଣାପଡିବ । ଅତଃ ଏପରି ଜଣାପଡିବ ଯେ ଯଦି ଭଲ/ପୂଣ୍ୟକାର୍ଯ୍ୟ ପ୍ରତି ଧ୍ୟାନ ଅଧିକା ଆକର୍ଷଣ ହେଉଅଛି ,ଯଦି ଅଲ୍ଲାଃଙ୍କ ପ୍ରତି ଧ୍ୟାନ ଅଧିକା ସୃଷ୍ଟି ହେଉଅଛି, ତାହେଲେ ମଣିଷ ସେହି କାର୍ଯ୍ୟକୁ ଅଲ୍ଲାଃତାଲାଙ୍କ ଖାତିର୍ କରୁଅଛି ଏବଂ ଅଲ୍ଲାଃତାଲା ତା ଉପରେ ଆଶୀର୍ବାଦ କରୁଛନ୍ତି ।

ତକଓ୍ୱାର ମାର୍ଗଗୁଡିକୁ ଚିହ୍ନିତ କରି ଓ ତାହା ପ୍ରତି ଧ୍ୟାନ ଆକର୍ଷଣ କରାଇ ଆପଣ ଆ ସ କୁହନ୍ତି :-''ମଣିଷର ସମସ୍ତ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ହେଉଛି ଧର୍ମପରାୟଣତାର ସମସ୍ତ ସୂକ୍ଷ୍ମ ମାର୍ଗରେ ପାଦ ଥାପିବା । ତକଓ୍ୱାର ସୂକ୍ଷ୍ମ ମାର୍ଗ ହେଉଛି ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ର ସୁନ୍ଦର ପ୍ରଭାବ ଏବଂ ସୁନ୍ଦର ଲେଖା ।'' ତକଓ୍ୱାର ସୂକ୍ଷ୍ମ ମାର୍ଗଗୁଡିକ କ'ଣ ଯେ ଆଧ୍ୟାତ୍ମିକ ଭାବେ ସେଥିରେ ଏକପ୍ରକାରର ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଯାଇଥାଏ । ''ସ୍ୱଷ୍ଟ ହେଉ ଯେ ଖୁଦାତାଲାଙ୍କ ଅମାନତ ତଥା ତାହାର ଇମାନି ପ୍ରତିଶୃତି ଗୁଡିକ ପ୍ରତି ଯଥାସମ୍ଭବ ପାଳନ କରିବା ଏବଂ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଯେତେ ବି ଅଙ୍ଗ ପ୍ରତ୍ୟଙ୍ଗ ରହିଛି , ସେଥିରେ ପ୍ରକାଶ୍ୟରେ ଆଖି ,କାନ,ହାତ, ଗୋଡ ତଥା ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗମାନ ରହିଛି । ସେହିଭଳି ଭିତରେ ହୃଦୟ ଏବଂ ଅନ୍ୟାନ୍ୟ ଅନ୍ତର୍ନିହିତ ଶକ୍ତିମାନ ରହିଛି ଯେମିତି ଚରିତ୍ର ଇତ୍ୟାଦି । ସେଗୁଡିକୁ ଯଥାସମ୍ଭବ ସଠିକ୍ ସ୍ଥାନରେ ବ୍ୟବହାର କରିବା ଏବଂ ସେଗୁଡିକୁ ଅବୈଧ ତଥା ବେଆଇନି ମାର୍ଗରୁ ନିବୃତ ରଖିବା ଓ ସେମାନଙ୍କ ଲିକ୍କାୟିତ ଆକ୍ରମଣ ପ୍ରତି ସାବଧାନ ରହିବା ଏବଂ ତାହାର ମୁକାବିଲାରେ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟ ସମ୍ପାଦନ କରିବା ମଧ୍ୟ ।'' ଏହାସବୁ ହେଉଛି ଇମାନି ପ୍ରତିଶୃତି , ଯାହା ଆମେ ଅଲ୍ଲାଃତାଲାଙ୍କ ସହିତ କରିଅଛେ ଯେ ଆମେ ଆମ ଆଖିକୁ ବି ସଠିକ ସ୍ଥାନରେ ବ୍ୟବହାର କରିବାକୁ ହେବ । ବଦ୍ ନଜରୀ (ଖରାପ ଦୃଷ୍ଟି ନିକ୍ଷେପ କରିବା)ରୁ ବଂଚିବାକୁ ହେବ । ଖରାପ କାମରୁ ବଂଚିବାକୁ ହେବ । କାନକୁ ବି ଖରାପ କଥା ଶୁଣିବାରୁ ନିବୃର ରଖିବାକୁ ପଡିବ । ହାତ ତଥା ଗୋଡ ଦ୍ୱାରା ମଧ୍ୟ ପୂଣ୍ୟକର୍ମ କରିବାକୁ ହେବ । ହୃଦୟ ଭିତରେ ଥିବା ମଇଳା ଚିନ୍ତାଧାରାକୁ ହଟାଇବାକୁ ପଡିବ । ଏଇଥିପାଇଁ ଅଧିକରୁ ଅଧିକ ଇସ୍ତିଗ୍‌ଫାର୍ କରିବା ଉଚିତ ।

ଅନ୍ୟାନ୍ୟ ଶକ୍ତିମାନ ଅଛନ୍ତି , ସେଥିରୁ ବି କାମ ନେବାକୁ ହେବ । ନିଜ ଚରିତ୍ରକୁ ଉଚ୍ଚସ୍ତରକୁ ପଂହଚାଇବାକୁ ହେବ । ଏହି ପ୍ରତିଶୃତି ହେଉଛି ଇମାନି ପ୍ରତିଶୃତି , ଯାହା ଅଲ୍ଲାଃତାଲା ସହିତ ମଣିଷ କରିଥାଏ । ପୁଣି କହିଲେ ଯେ ତୁମେମାନେ ଏହାକୁ ପୁରଣ କରିବ ଏବଂ ତାହାର ମୁକାବିଲାରେ ପ୍ରାଣିଜଗତ ପ୍ରତି ଥିବା କର୍ତବ୍ୟକୁ ବି ସମ୍ପାଦନ କରିବ । ଭକ୍ତମାନଙ୍କ ଅଧିକାର ପ୍ରତି ଯତ୍ନବାନ ହେବା ଉଚିତ । ସେହି ଜିନିଷଗୁଡିକ ତ ତୁମ ନିଜପାଇଁ ହେଲା । ଏବେ ଭକ୍ତମାନଙ୍କର ଅଧିକାରକୁ ଦେବାକୁ ହେବ । ଯଦି ଏହି ଅଧିକାର ପ୍ରଦାନ କରାଯିବ । କହିଲେ ''ଏହା ହେଉଛି ସେହି ଉପାୟ , ଯାହା ମଣିଷର ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ସହିତ ଜଡିତ ।'' ଯେବେ ଅଲ୍ଲାଃତାଲାଙ୍କ ପ୍ରତି ଥିବା କର୍ତବ୍ୟ ଏବଂ ତା ଭକ୍ତମାନଙ୍କ ପ୍ରତି ଥିବା କର୍ତବ୍ୟ ସମ୍ପାଦିତ ହୋଇଗଲା ସେତେବେଳେ ମଣିଷ ଭିତରେ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ ।''ଏବଂ ଖୁଦାତାଲା ପବିତ୍ର କରଆନରେ ତକଓ୍ୱାକୁ ଗୋଟିଏ ଲିବାସ୍ ଅର୍ଥାତ୍ ବସ୍ତ୍ର ଭାବରେ ଅଭିହିତ କରାଯାଇଛି । **ଲିବାସୁତ୍ ତକଓ୍ୱା** ହେଉଛି ପବିତ୍ର କୁରଆନର ଶବ୍ଦ । ଏକଥା ଏଥିପ୍ରତି ଇସାରା କରୁଛି ଯେ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ତଥା ଆଧ୍ୟାତ୍ମିକ ଶୋଭା ତକଓ୍ୱା (ଧର୍ମପରାୟଣତା)ରୁ ସୃଷ୍ଟି ହୋଇଥାଏ । ଏବଂ ତକଓ୍ୱା ହେଉଛି ଏହାକି ମଣିଷ ଖୁଦାତାଲାଙ୍କ ଉପରେ ରଖିଥିବା ସମସ୍ତ ଆସ୍ଥା ତଥା ସମସ୍ତ ବିଶ୍ୱାସମୂଳକ ପ୍ରତିଶୃତିକୁ ପାଳନ କରୁ ସେହିପରି ପ୍ରାଣୀଜଗତ ପ୍ରତି ଥିବା ସମସ୍ତ କର୍ତବ୍ୟ ତଥା ସମସ୍ତ ପ୍ରତିଶୃତିକୁ ପାଳନ କରୁ । ଅର୍ଥାତ୍ ସେମାନଙ୍କର ସୂକ୍ଷ୍ମରୁ ସୂକ୍ଷ୍ମତର ପାର୍ଶ୍ୱ ଗୁଡିକ ଉପରେ ଯଥାସମ୍ଭବ ପରଚାଳିତ ହେଉ ।''

**(ଜମିମାଃ ବରାହିନେ ଅହେମଦୀୟା ଭାଗ ପାଂଚ , ରୁହାନୀ ଖଜାଇନ୍ , ଖ-୨୧ , ପୃ-୨୦୯-୨୧୦)**

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

ଇବାଦତ୍(ଉପାସନା) ବିଷୟରେ ଅଲ୍ଲାଃତାଲା ଙ୍କର ଯେଉଁ ନିର୍ଦ୍ଦେଶ ରହିଛି , ନିଜକୁ ସୁଧାରିବା ପାଇଁ , ଲୋକମାନଙ୍କର ଅଧିକାର ଗୁଡିକୁ ପ୍ରଦାନ କରିବା ଇତ୍ୟାଦି, ଅତେବ ସେଗୁଡିକର ସବିଶେଷ ପାର୍ଶ୍ୱକୁ ଯାଇ ସେ ସବୁକୁ ପାଳନ କରିବା ପାଇଁ ଚେଷ୍ଟା କର । ତେଣୁ ଯେପର୍ଯ୍ୟନ୍ତ ମଣିଷ ହୁକୁକୁଲ୍ଲାଃ ତଥା ହୁକୁକୁଲ୍ ଇବାଦ୍ (ଅର୍ଥାତ୍ ଅଲ୍ଲାହାଙ୍କ ପ୍ରତି ଥିବା କର୍ତବ୍ୟ ଓ ତାହାଙ୍କ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟ) ସମ୍ବନ୍ଧରେ , ସେ ସବୁର ସୂକ୍ଷ୍ମାତିସୂକ୍ଷ୍ମ ପାର୍ଶ୍ୱକୁ ଯାଇ ସେସବୁକୁ ପାଳନ କରିବା ପାଇଁ ଚେଷ୍ଟା ନକରିଛି,ହଜରତ୍ ମସିହ ମଉଦ ଆ ସ କୁହନ୍ତି ଯେ ସେପର୍ଯ୍ୟନ୍ତ ତକୱାର ଅବସ୍ଥା ପ୍ରାପ୍ତ ହୁଏନାହିଁ । ତେଣୁ ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହାକୁ ଆମେ ମନେରଖିବା ଉଚିତ ଯେ କେବଳ ଉପାସନା ରେ କିଛି ଲାଭନାହିଁ ଯେପର୍ଯ୍ୟନ୍ତ ତା ସହିତ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ ନକରାଯାଇଛି ଏବଂ କେବଳ ପ୍ରାଣୀମାନଙ୍କର କିଛି କର୍ତବ୍ୟ ପ୍ରଦାନ କରିଦେବା କିନ୍ତୁ ଖୁଦାତାଲାଙ୍କ ପ୍ରତି ଥିବା କର୍ତବ୍ୟକୁ ଭୂଲିଯିବା, ଯେମିତି ଲୋକମାନେ (ଭୂଲିଯାଇଥାନ୍ତି) ଓ କହିଥାନ୍ତି ଯେ ଆମେମାନେ ତ ପ୍ରାଣୀମାନଙ୍କ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ କରୁଅଛୁ । ଏମାନେ ବି ତକୱା ଉପରେ ପରିଚାଳିତ ହେଉନାହାଁନ୍ତି । ଜଣେ ପ୍ରକୃତ ମୋମିନ୍ ପାଇଁ ଉପରୋକ୍ତ ବର୍ଣ୍ଣିତ ଉଭୟଙ୍କ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ କରିବାକୁ ହେବ ।

ପୁଣି ବିଦଅତ୍ (ଅର୍ଥାତ ଧର୍ମ ଭିତରେ ନୂଆ ନୂଆ ରୀତି ନିତୀ ଉଦ୍ଭାବନ କରି ) ପ୍ରଚଳନ କରିବା ତଥା ତକୱାରୁ ଦୂରତା ଅବଲମ୍ବନ କରିବା ସମ୍ବନ୍ଧରେ ହଜରତ୍ ମସିହ ମଉଦ୍ ଆ ସ କୁହନ୍ତି ଯେ :-''(ମୁସଲମାନମାନଙ୍କ) ପ୍ରତ୍ୟେକ ଫିର୍କା ତଥା ପ୍ରତ୍ୟେକ ଦଳଭିତରେ ନିଜ ନିଜର ହଜାର ହଜାର୍ ବିଦଅତ୍ ସୃଷ୍ଟି ହୋଇଯାଇଅଛି । ଧର୍ମପରାୟଣତା ଏବଂ ଶୁଦ୍ଧତା ଯାହା ଇସଲାମର ଅସଲ ଉଦ୍ଦେଶ୍ୟ ଥିଲା , ଯାହା ପାଇଁ ଆଁହଜରତ୍ ସ ଆ ସ ଭିଷଣ ଯନ୍ତ୍ରଣା ସହ୍ୟ କରିଥିଲେ । ଏପରି କଷ୍ଟ (ତଥା ଯନ୍ତ୍ରଣା)କୁ ନବୀମାନଙ୍କ ହୃଦୟ ବ୍ୟତୀତ ଅନ୍ୟ କେହି ସହ୍ୟ କରିପାରିବ ନାହିଁ , ତାହା ଆଜି ଲୋପ ହୋଇଯାଇଛି । ଜେଲ୍ ଭିତରେ ଯାଇ ଦେଖନ୍ତୁ ଯେ ଅପରାଧିମାନଙ୍କ ମଧ୍ୟରେ କାହାର ସଂଖ୍ୟା ଅଧିକା ।'' ଆପଣ ଆ ସ ଏହା ଦର୍ଶାଇବାକୁ ଚାହୁଁଛନ୍ତି ଯେ ଏହି ଅପରାଧିମାନଙ୍କ ମଧ୍ୟରେ କାହାର ସଂଖ୍ୟା ଅଧିକା ? ଅର୍ଥାତ୍ ମୁସଲମାନମାନଙ୍କର ସଂଖ୍ୟା ଅଧିକା । ଘାନା ଦେଶରେ ଆମର ଜଣେ ମିନିଷ୍ଟର ଥିଲେ । ମୁଁ ପୂର୍ବରୁ ଏହା କହିସାରିଛି ଯେ, ସେ କହୁଥିଲେ ଯେ ଆମର ମିଟିଂ ଚାଲିଥିଲା , ସେ କହିଲେ ଯେ ଆମ ଜେଲଗୁଡିକରେ ଅଧିକାଂଶ ଲୋକେ ହେଉଛନ୍ତି ମୁସଲମାନ୍ । ସେ କହିଲେ ମୁଁ ହେଉଛି ଅହେମଦୀ । ମୁଁ ଚ୍ୟାଲେଞ୍ଜ୍ କରୁଛି ଯେ ଏହି ମୁସଲମାନମାନଙ୍କ ମଧ୍ୟରେ ଯାଇ ଦେଖିନିଅ ଜଣେ ବି ଅହେମଦୀ ନଥିବେ । ଯଦି କିଏ ଅହେମଦୀ ଥିବେ ତାହେଲେ ସେମାନଙ୍କ ତୁଳନାରେ ନାମକୁ ମାତ୍ର ଥିବେ । ଯେତେବେଳେ ଯାଇ ଦେଖିଲେ , ତାଙ୍କ କଥା ସମ୍ପୂର୍ଣ୍ଣ ଠିକ ଥିଲା । ଯଦି ହୃଦୟରେ ତକୱା ସୃଷ୍ଟି କରିବାକୁ ଚେଷ୍ଟା କରାଯାଏ ,ଅଲ୍ଲାଃତାଲାଙ୍କ ଭୟ ହୃଦୟରେ ରଖାଯାଏ ତାହେଲେ ଯେଉଁଠି ଏହାଦ୍ୱାରା ଆମର ସଂସ୍କାର ଓ ସୁଧାର ହେବ ସେଠାରେ ଏହା ନୀରବ ତବଲିଗ୍ (ଧର୍ମପ୍ରଚାର)ର ଜରିଆ ସାବ୍ୟସ୍ତ ହୋଇଯାଇଥାଏ ।

ପୁଣି ଆପଣ ଆ ସ କହିଲେ ''ବ୍ୟଭିଚାର,ମଦ୍ୟପାନ,ଅଧିକାରର ଉଲଙ୍ଘନ ଏବଂ ଅନ୍ୟାନ୍ୟ ଅପରାଧମାନ ଏତେ ସଂଖ୍ୟାରେ ଘଟୁଅଛି ଯେ ,ଏମିତି ଲାଗୁଛି ଯେମିତି କୌଣସି ଈଶ୍ୱର ହିଁ ନାହାନ୍ତି । ଯଦି ଜାତିର ବିଭିନ୍ନ ଗୋଷ୍ଠୀର ତ୍ରୁଟି ତଥା କୁକର୍ମମାନ ବିଷୟରେ ବିସ୍ତାର ଭାବରେ ତର୍ଜମା କରାଯାଏ ତାହେଲେ ଗୋଟିଏ ବିରାଟ ପୁସ୍ତକ ପ୍ରସ୍ତୁତ ହୋଇଯିବ । ପ୍ରତ୍ୟେକ ଜ୍ଞାନୀଗୁଣୀ ତଥା ବିବେକୀ ଲୋକ ଯେବେ ଏହି ସମ୍ପ୍ରଦାୟର ବିଭିନ୍ନ ଲୋକମାନଙ୍କର ଅବସ୍ଥାକୁ ଦେଖି ସଠିକ୍ ଓ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନିତ ହେବେ ଯେ ,ସେହି ତକୱା ଯାହା ପବିତ୍ର କୁରଆନର ଚରମ ଲକ୍ଷ୍ୟ ଥିଲା ,ସମ୍ମାନର ଉତ୍ସ ଥିଲା ଏବଂ ଭଦ୍ର ଓ ସଂଭ୍ରାନ୍ତର ପ୍ରତୀକ ଥିଲା ତାହା ଆଜି ମହଜୁଦ ନାହିଁ ।'' ପବିତ୍ର କୁରଆନ୍ ତ ତକୱା (ଧର୍ମପରାୟଣତା)ସୃଷ୍ଟି କରିବାକୁ ଚାହିଁଥିଲା । ଏହା ଥିଲା ପବିତ୍ର କୁରଆନର ପଦ୍ଦେଶ୍ୟ । ଏହା ମୁସଲମାନମାନଙ୍କ ମଧ୍ୟରୁ ଉଭାନ ହୋଇଯାଇଛି । ପୁଣି କୁହନ୍ତି ଯେ:- ବ୍ୟବହାରିକ ଅବସ୍ଥା ଯାହାର ନିତ୍ୟାନ୍ତ ଆବଶ୍ୟକ ଥିଲା ଯେ ତାହା ଭଲଭାବେ କରାଯାଇଥାନ୍ତା , ଏବଂ ତାହା ମୁସଲମାନ ତଥା ଅଣମୁସଲମାନମାନଙ୍କ ମଧ୍ୟରେ ଏକ ପାର୍ଥକ୍ୟ ଥିଲା ,ତାହା ଅତ୍ୟନ୍ତ ଦୃବଳ ଓ ଖରାପ ହୋଇଯାଇଛି ।'' (ମଲଫୁଜାତ୍ , ଖ-୦୪ , ପୃ-୦୪ , ଏଡଶନ୍ ୧୯୮୪)

ଯଦି ଏପରି ଅବସ୍ଥା ହୁଏ ତାହେଲେ ପୁଣି କ'ଣ ତବଲିଗ୍ ହେବ । ମୁସଲମାନମାନଙ୍କର ପ୍ରଭାବ ଏ ଦୁନିଆରେ କ'ଣ ପଡୁଛି । ଏସବୁର ଫଳାଫଳ ଆମେ ଆଜିକାଲି ଦେଖୁଅଛେ । ଏହାର ସମାଧାନ ଅହେମଦୀମାନଙ୍କ ନିକଟରେ ଅଛି । ଯଦି ଆମେ ହିଁ ବିଗିଡି ଯିବା ଅର୍ଥାତ ଖରାପ ହୋଇଯିବା ତାହେଲେ ପୁଣି କିଏ ସମ୍ଭାଳିବ । ଅଲ୍ଲାଃଙ୍କ କୃପାରୁ ହଜରତ୍ ମସିହ ମଉଦ୍ ଆ ସ ଙ୍କ ସହିତ ଅଲ୍ଲାଃତାଲାଙ୍କର ଯେଉଁ ପ୍ରତିଶୃତି ରହିଛି , ତାହା ସବୁ ପୂରଣ ହେବ । କିନ୍ତୁ ଆମେ ଯଦି ସେଥିରେ ସାମିଲ୍ ନହେବା ତାହେଲେ ଅଲ୍ଲାଃତାଲା ଅନ୍ୟ କୌମ୍ (ସମ୍ପ୍ରଦାୟ)କୁ ସେ ସ୍ଥାନରେ ପ୍ରସ୍ତୁତ କରି ନେଇଆସିବେ ଓ ସେମାନଙ୍କ ଜରିଆରେ ସେହି ପ୍ରତିଶୃତିଗୁଡିକୁ ପୂରଣ କରିଦେବେ ।

ଯେତେବେଳେ ଆମ ସମାଜର ପରିସ୍ଥିତି ଏପରି ହୋଇଯିବ , ହଜରତ୍ ମସିହ୍ ମଉଦ୍ ଆ ସ କୁହନ୍ତି :-ତାହେଲେ ଆମକୁ ଆମ ପୂଣ୍ୟ ତଥା ଆମ ତକୱାର ସ୍ତର ବିଷୟରେ କେତେ ଚିନ୍ତା କରିବା ଉଚିତ୍ ଏବଂ ଆମ ବଂଶଧର ମାନଙ୍କ ପୂଣ୍ୟ ତଥା ତକୱାର ସ୍ତର ବିଷୟରେ କେତେ ଚିନ୍ତା କରିବା ଉଚିତ୍ । ଆପଣ ଆ ସ ଏହା ବି କହିଲେ ଯେ ତକୱା ଏହା ନୁହେଁ ଯେ ଅଲ୍ଲାଃତାଲାଙ୍କ କୃପା ଓ ଆଶୀର୍ବାଦରୁ ଲାଭ ନଉଠାଯାଉ ବରଂ ସେଥିରୁ ଯଦି ଲାଭ ନଉଠାଇବ ତାହେଲେ ଏହା ବି ତକୱାଠାରୁ ଦୂରେଇଯିବା ମଣାଯିବ ।

କେତେକ ତଥକଥିତ ପ୍ରଚୀନ ପୀର ଫକିର ଲୋକଦେଖାଣିଆ ଭାବରେ ନିଜ ତରଫରୁ ସାଦା ସିଧା ସରଳ ପୋଷାକ ପିନ୍ଧିଥାନ୍ତି ଓ କୁତ୍ସିତ ଖାଦ୍ୟ ଖାଇଥାନ୍ତି । ସେମାନେ ଏହା ଦର୍ଶାଇବାକୁ ଚାହିଁଥାନ୍ତି ଆମେ ହେଉଛୁ ମୁତ୍ତକୀ (ଅର୍ଥାତ ଧର୍ମପରାୟଣ ଲୋକ) । ବହୁତ ପୂଣ୍ୟବାନ ଲୋକ । ଅତଃ ଆପଣ ଆ ସ କୁହନ୍ତି ଯେ :- ମଣିଷକୁ ପ୍ରତ୍ୟେକ ସମୟରେ ଓ ପ୍ରତ୍ୟେକ ପରିସ୍ଥିତିରେ ଦୁଆ(ପ୍ରାର୍ଥନା)କରବା ଉଚିତ । ଦ୍ୱିତୀୟରେ ଅମ୍ମା ବିନେମତି ରବବିକା ଫହଦ୍ଦିସ୍ (ସୁରଃ ଜୁହା : ୧୨) କୁ ଅନୁସରଣ କରିବା ଉଚିତ । ଅଲ୍ଲାଃଙ୍କ ପ୍ରଦତ ପୁରସ୍କାର ତଥା ଅନୁଗ୍ରହ ଗୁଡିକୁ ବର୍ଣ୍ଣନା କରିବା ଉଚିତ । ସେଗୁଡିକର ପ୍ରକାଶ କରିବା ଉଚିତ । ''ଏହା ଖୁଦାତାଲାଙ୍କ ପ୍ରେମ ବଢିଥାଏ । ଏବଂ ତାହାଙ୍କ ଆଜ୍ଞା ପାଳନ ତଥା ତାହାଙ୍କ କଥା ମାନି ଚଳିବା ପାଇଁ ଏକ ଉତ୍ସାହ ସୃଷ୍ଟି ହୋଇଥାଏ । ତହଦିସର ଅର୍ଥ ଏହା ନୁହେଁ କି ମଣିଷ କେବଳ ମୁଁହରେ ସ୍ତୁତିଗାନ କରୁ ବରଂ ଶରୀର ଉପରେ ବି ଏହାର ପ୍ରଭାବ ପଡିବା ଉଚିତ । ଉଦାହରଣ ସ୍ୱରୂପ ଅଲ୍ଲାଃତାଲା ଜଣକୁ ଏ ଶକ୍ତି ଦେଇଛନ୍ତି ଯେ ସେ ଭଲ ପୋଷାକ ପିନ୍ଧିପାରିବ କିନ୍ତୁ ସେ ସର୍ବଦା ମଇଳା ଓ ଅସନା ପୋଷାକ ପିନ୍ଧିଥାଏ । ସେ ଏହା ଏପରି ଭାବନା ରଖି କରିଥାଏ ଯେ ତାକୁ ଦୟାର ପାତ୍ର ବୋଲି ଅଭିହିତ କରାଯାଉ ବା ତାହାର ଆରାମଦାୟକ ଅବସ୍ଥା ବିଷୟ କାହା ଉପରେ ପ୍ରକାଶ ନହେଉ । ଏପରି ଲୋକ ପାପ କରିଥାଏ । କାରାଣ ସେ ଖୁଦାତାଲାଙ୍କ ଦୟା ଓ ଅନୁଗ୍ରହକୁ ଲୁଚାଇବାକୁ ଚାହିଁଥାନ୍ତି । କପଟୀପୂର୍ଣ୍ଣ ବ୍ୟବହାର କରିଥାନ୍ତି । ଧୋକା ଦେଇଥାନ୍ତି ଏବଂ ପ୍ରତାରଣା କରିବାକୁ ଚାହିଁଥାନ୍ତି । ଏହା ଜଣେ ମୋମିନର ଗୌରବ ନୁହେଁ ।''ମୋମିନ ଏପରି ହୋଇନଥାଏ ''ଆଁହଜରତ୍ ସ ଆ ସ ଙ୍କ ଧର୍ମ ସାଧାରଣ ଥିଲା'' ଅର୍ଥାତ ଯାହାକଛି ଉପଲବ୍ଧ ଥିଲା ତାହା ଆପଣ ସ ଆ ସ ବ୍ୟବହାର କରୁଥିଲେ । ଏମିତି ନୁହେଁ ଯେ ଗୋଟିଏ ପଟକୁ ଆକର୍ଷିତ ହୋଇଗଲେ । ଯଦି ଉଚ୍ଚକୋଟିର ଉତମ ପୋଷାକ ଉପଲବ୍ଧ ହେଲା , ତାହା ପିନ୍ଧିଲେ । ଯଦି ନାହିଁ ତାହେଲେ ସାଧାରଣ ବସ୍ତ୍ର ପିନ୍ଧୁଥିଲେ । ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ''ଆପଣ ସ ଆ ସ ଙ୍କୁ ଯାହା ମିଳୁଥିଲା ତାହା ପିନ୍ଧିନେଉଥିଲେ । କୌଣସି ଆପତି ନଥିଲା । ଯାହା ବି ବସ୍ତ୍ର ଉପସ୍ଥାପନ କରାଯାଉଥିଲା , ତାହା ପିନ୍ଧିନେଉଥିଲେ । କିନ୍ତୁ ଆପଣ ସ ଆ ସ ଙ୍କ ପରେ କିଛି ଲୋକେ ଏପରି ବାହାରିଲେ ଯେଉଁମାନେ ଏହି କଥାରୁ ହିଁ ଉଦାହରଣ ଧରିଲେ ଓ ସେଥିରେ ସାଧୁବାଦ ତଥା ସନ୍ୟାସବାଦର ଅଂଶକୁ ମିଶାଇଦେଲେ । କିଛି ଦର୍ୱେଶ୍ ମାନଙ୍କୁ ଦେଖାଯାଇଛି ଯେ ସେମାନେ ମାଂସ ଉପରେ ଧୂଳି ପକାଇ ଖାଉଥିଲେ ।'' ନିଜକୁ ଦର୍ୱେଶ୍ କହୁଥିଲେ କିନ୍ତୁ ମାଂସ ଉପରେ ଧୂଳି ପକାଇ ଖାଉଥିଲେ । ଜଣେ ଦର୍ୱେଶ୍ ଙ୍କ ନିକଟକୁ କେହି ଜଣେ ଆସିଲେ ,ସେ କହିଲେ ଆଙ୍କୁ ଖାଇବାକୁ ଦେଇଦିଅ ।''ସେହି ଦର୍ୱେଶ୍ ଜଣକ ନିଜ ଶିଶ୍ୟମାନଙ୍କୁ କହିଲେ ଯେ ଏହି ଅତିଥିଙ୍କୁ ଖାଇବାକୁ ଦିଅ ।''ସେହି ଅତିଥି ଜଣକ ଜିଦିଧରିଲେ ଯେ ମୁଁ ତ ଆପଣଙ୍କ ସାଥିରେ ହିଁ ଖାଇବି ।'' ପୀର ସାହେବ ମୁଁ ଆପଣଙ୍କ ସାଥିରେ ଖାଇବି । ''ଶେଷରେ ଯେବେ ସେହି ଲୋକଜଣକ ଦର୍ୱେଶ୍ ସହିତ ଖାଇବାକୁ ବସିଲା,ତାପାଇଁ ଲିମ୍ବର ଗୁଳା ପ୍ରସ୍ତୁତ କରି ରଖିଦିଆଗଲା । ''

ଲିମ୍ବ ହେଉଛି ଗୋଟିଏ ଗଛ ଯାହାର ପତ୍ର ବହୁତ ପିତା ଲାଗିଥାଏ । ସେଥିରେ ଖାଦ୍ୟ ପ୍ରସ୍ତୁତ କରି ତାକୁ ଦିଆଗଲା । ସେଥିରେ କିଛି ମଜା ନଥିଲା । କ'ଣ ବା ମଜା ? ଭିଷଣ ପିତା ଲାଗୁଥିଲା । ପୁଣି କହିଲେ ଯେ ''ଏହି ପ୍ରକାରର କିଛି କାର୍ଯ୍ୟ ଲୋକେ କରିଥାନ୍ତି । ଏହାର ଉଦ୍ଦେଶ୍ୟ କେବଳ ଏତିକି ହୋଇଥାଏ ଯେ ଲୋକମାନଙ୍କ ଆଗରେ ନିଜକୁ ସିଦ୍ଧପୁରୁଷ ଭାବରେ ପ୍ରତିପାଦନ କରିବା । କିନ୍ତୁ ଇସଲାମ୍ ଏପରି କଥାକୁ ସିଦ୍ଧତାରେ ଗଣନା କରେନାହିଁ ।

ଇସଲାମର ସିଦ୍ଧତା ତକୱା ଉପରେ ପର୍ଯ୍ୟବେଶିତ । ଯାହ ଦ୍ୱାରା ୱିଲାୟତ୍(ଅର୍ଥାତ୍ ମୁନି ଋଷିମାନଙ୍କର ପଦମର୍ଯ୍ୟାଦା)ମିଳିଥାଏ । ଯାହାଦ୍ୱାରା ଫରିସ୍ତା(ଦେବଦୂତ)ମାନେ କଥା ହୋଇଥାନ୍ତି । ଖୁଦାତାଲା ସୁସମାଚାର ଦେଇଥାନ୍ତି । ଆମେ ଏହି ପ୍ରକାରର ଶିକ୍ଷା ଦେଇନଥାଉଁ । କାରଣ ଏହା ଇସଲାମୀୟ ଶିକ୍ଷାର ପରିପନ୍ଥି । ପବିତ୍ର କୁରଆନ୍ ତ କୁଲୁ ମିନତ୍ ତୈୟେବାତି'' ଅର୍ଥାତ୍ ପବିତ୍ର ଜିନିଷ ଖାଅ । '' ର ଶିକ୍ଷା ଦେଇଛି କିନ୍ତୁ ଏପରି ଲୋକମାନେ ଭଲ ଜିନିଷରେ ଧୂଳି ପକାଇ ଅଶୁଦ୍ଧ କରିଦେଉଛନ୍ତି

**ହଜରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

। ଏହି ପ୍ରକାରର (ମନଗଢା)ଧର୍ମ ଇସଲାମର ବହୁତ ସମୟ ପରେ ସୃଷ୍ଟି ହୋଇଛି । ଏହି ଲୋକମାନେ ଆଁ ହଜରତ୍ ସ ଆ ସ ଙ୍କଠାରୁ ଅଧିକା କରୁଛନ୍ତି । ଏମାନଙ୍କୁ ଇସଲାମ ତଥା ପବିତ୍ର କୁରଆନ୍ ସହିତ କୌଣସି ସମ୍ପର୍କ ନଥାଏ । ଏହି ଲୋକମାନେ ନିଜେ ନିଜର ଶରିୟତ୍ ଅଲଗା ତିଆରି କରୁଛନ୍ତି । ମୁଁ ଏମାନଙ୍କୁ ଭିଷଣ ଭାବେ ଘୃଣା କରିଥାଏ । ଆମ ପାଇଁ ରସୁଲୁଲ୍ଲାଃ ସ ଆ ସ ହେଉଛନ୍ତି ସୁଆଦର୍ଶ । ଆମର ଉତମତା ତଥା ସୁଗୁଣ ଏଥିରେ ନିହିତ ରହିଛି ଯେ ଆମେ ଯଥା ସମ୍ଭବ ମହାଭାଗ ସ ଆ ସ ଙ୍କ ପଦାଙ୍କ ଅନୁସରଣ କରିବା ଏବଂ ତାହାଙ୍କ ବିରୋଧ କୌଣସି କାର୍ଯ୍ୟ କରିବା ନାହିଁ ।’’

ଏହା ତ ଖାଇବା ପିଇବା କଥା । ପୁଣି ନିତିଦିନିଆ ଚାରିତ୍ରିକ ତଥା ନୈତିକ କଥା ବିଷୟରେ ସେ କୁହନ୍ତି ଯେ ‘‘ସେହିପରି ମହିଳ ତଥା ପିଲାମାନଙ୍କ ସହିତ ଯେଉଁ ସମ୍ପର୍କ ରହିଛି’’ ଲୋକମାନଙ୍କ ସହିତ ପାରିବାରିକ ସମ୍ପର୍କ ରହିଛି ସେ ସମ୍ବନ୍ଧରେ କୁହନ୍ତି ଯେ ‘‘ମହିଳ ଏବଂ ପିଲାମାନଙ୍କ ସହିତ ସମ୍ପର୍କ ତଥା ସୁବ୍ୟବହାର କରିବାରେ ଲୋକମାନେ ବହୁତ ଭୂଲ କରୁଛନ୍ତି ଏବଂ ସିଧା ରାସ୍ତାରୁ ବିଚ୍ୟୁତ ହୋଇଯାଇଛନ୍ତି । ’’ ସଳଖ ମାର୍ଗରୁ ହଟି ଯାଇଛନ୍ତି । ‘‘ପବିତ୍ର କୁରଆନରେ ଉଲ୍ଲେଖ ଅଛି ଯେ **ଆଶିରୁହୁନ୍ନା ବିଲ୍ ମାରୁଫି(ସୁରଃ ଅଲ ନିସାଅ :୨୦)**କିନ୍ତୁ ଏବେ ଏହାର ବିପରୀତ କର୍ମକରାଯାଉଅଛି ।’’ ***(ମଲଫୁଜାତ୍ ,ଖ-୪ ,ପୃ-୪୩-୪୪ , ଏଡିଶନ୍ ୧୯୮୪)***

ସୁବ୍ୟବହାର କଣ କରିବେ , (ଏ କଥା ତ ଛାଡନ୍ତୁ ) ବରଂ କିଛି ଲୋକଙ୍କ ଘରେ ତ (ସେହି ଛୁଆ ପିଲାଙ୍କ ଉପରେ) ଅତ୍ୟାଚାର କରାଯାଉଅଛି । ସୁତରାଂ ଭଲ ପୋଷାକ ପିନ୍ଧିବାପାଇଁ ଯଦି ସାମର୍ଥ୍ୟ ଅଛି , ଭଲ ଖାଦ୍ୟ ଖାଇବା ପାଇଁ ଯଦି ସାମର୍ଥ୍ୟ ଅଛି ତାହେଲେ ଏହା ତକଓ୍ୱା (ଧର୍ମପରାୟଣତା)କୁ ହ୍ରାସ କରିନଥାଏ ବରଂ ବଢାଇଥାଏ । ପୁଣି ସଦବ୍ୟବହାର କରିବା ସମ୍ପର୍କରେ କହିଲେ ଯେ ନିଜ ପତ୍ନୀଙ୍କ ସହିତ ସୁବ୍ୟବହାର କରିବା ନିତ୍ୟାନ୍ତ ଆବଶ୍ୟକ । ନିଜ ପିଲାମାନଙ୍କ ପ୍ରତି ଧ୍ୟାନ ଦେବା,ଯତ୍ନ ନେବା , ସେମାନଙ୍କର ଆବଶ୍ୟକତାକୁ ପୂରଣ କରିବା ତଥା ସେମାନଙ୍କୁ ସଠିକ୍ ତାଲିମ (ପ୍ରଶିକ୍ଷଣ)ଦେବା ମଧ୍ୟ ଜରୁରୀ । ଏହା ବି ତକଓ୍ୱା । ଏହା ପବିତ୍ର କୁରଆନର ନିର୍ଦ୍ଦେଶ । ସୁତରାଂ ହୁକୁକୁଲ୍ଲାଃ ଏବଂ ହୁକୁକୁଲ୍ ଇବାଦ୍ ଉଭୟଙ୍କ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ କରିବା ଜରୁରୀ ।

ପୁଣି ହଜରତ୍ ମସିହ୍ ମଉଦ୍ ଆ ସ ଗୋଟିଏ କଥା କହିଲେ ଯେ ମୁତତକୀ (ଅର୍ଥାତ ଧର୍ମପରାୟଣ /ଧାର୍ମିକ ଲୋକ) କୁ ଅଲ୍ଲାଃତାଲାଙ୍କ ତରଫରୁ ଗୋଟିଏ ନୂର୍ (ଅର୍ଥାତ୍ ଜ୍ୟୋତି/ଆଲୋକ)ପ୍ରଦାନ କରାଯାଏ । ଏ ବାବତରେ ଆପଣ ଆ ସ କୁହନ୍ତି ଯେ ‘‘ପ୍ରକୃତ ତକଓ୍ୱା (ଧର୍ମପରାୟଣତା) ସହିତ ଅଜ୍ଞତା ଏକାଠି ହୋଇପାରିବ ନାହିଁ । ପ୍ରକୃତ ତକଓ୍ୱା (ଧର୍ମପରାୟଣତା) ନିଜ ସହିତ ଗୋଟିଏ ନୂର୍(ଅର୍ଥାତ୍ ଜ୍ୟୋତି/ଆଲୋକ) ବହନ କରିଥାଏ । ଯେମିତି କି ମହିମାମୟ ଅଲ୍ଲାଃ କହିଛନ୍ତି ୟା ଅୟୋହଲ୍ ଲଜିନା ଆମନୁ ଇନ୍ ତତ୍ତକୁଲ୍ଲାହା ୟଜଅଲ୍ ଲକୁମ୍ ଫୁରକାନଉଁ ଓ୍ୱ ୟୁକଫ୍ଫିର୍ ଅନକୁମ୍ ସୟେଆତିକୁମ୍ (ଅଲଅନଫାଲ୍ :୩୦) ଓ୍ୱ ୟଜଅଲ୍ ଲକୁମ୍ ନୂରନ୍ ତମ୍ଶୁନା ବିହି (ଅଲହଦିଦ୍ :୨୯) ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଯଦି ତୁମେମାନେ ଅଲ୍ଲାଃଙ୍କୁ ଭୟ କରିବ, ତା’ହେଲେ ଅଲ୍ଲାଃ ତୁମମାନଙ୍କ ମଧ୍ୟରେ ଏବଂ ଅନ୍ୟମାନଙ୍କ ମଧ୍ୟରେ ଏକ ପାର୍ଥକ୍ୟ ରଖିଦେବେ । ସେହି ଫରକ ହେଉଛି ଏହା କି ତୁମମାନଙ୍କୁ ଗୋଟିଏ ନୂର୍ (ଜ୍ୟୋତି/ଆଲୋକ)ଦିଆଯିବ । ଯେଉଁ ନୂର୍ (ଜ୍ୟୋତି/ଆଲୋକ)ସହିତ ତୁମେମାନେ ତୁମର ସମସ୍ତ ମାର୍ଗରେ ଚାଲିବ । ଅର୍ଥାତ୍ ସେହି ନୂର୍ (ଜ୍ୟୋତି/ଆଲୋକ)ତୁମର ସମସ୍ତ କର୍ମ , ସମସ୍ତ କଥନ ,ସମସ୍ତ ଶକ୍ତି ତଥା ସମସ୍ତ ଇନ୍ଦ୍ରିୟଗୁଡିକରେ ପ୍ରବେଶ କରିଯିବ । ତୁମର ବୁଦ୍ଧିରେ ବି ନୂର୍ (ଜ୍ୟୋତି/ଆଲୋକ)ରହିବ ଏବଂ ତୁମର କଳ୍ପନାରେ ବି ନୂର୍ (ଜ୍ୟୋତି/ଆଲୋକ)ରହିବ ।’’ଯେଉଁମାନେ ଅଲ୍ଲାଃତାଲାଙ୍କ ଇଚ୍ଛା ମୁତାବକ ପରିଚାଳିତ ହୋଇଥାନ୍ତି , ସେମାନଙ୍କ ଦ୍ୱାରା କୌଣସି ଭୂଲ କାର୍ଯ୍ୟ ସମ୍ପାଦନ ହୋଇନପାରେ । ଯଦି ବି ହେବ ତାହେଲେ ତତକ୍ଷଣାତ୍ ଅଲ୍ଲାଃତାଲା ତାକୁ ସୁଧାରିଦେବା ପ୍ରତି ଧ୍ୟାନ ଆକର୍ଷଣ କରାଇଦେବେ । ଇସ୍ତିଗଫାର୍ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଦେବେ । ପୁଣି କହିଲେ ଯେ ‘‘ ତୁମ କଳ୍ପନାରେ ବି ନୂର୍ (ଜ୍ୟୋତି/ଆଲୋକ)ରହିବ,ତୁମ ଆଖିରେ ବି ନୂର୍ (ଜ୍ୟୋତି/ଆଲୋକ)ରହିବ, ତୁମ କାନରେ , ତୁମ ଭାଷାରେ , ତୁମ ଅଭିବ୍ୟକ୍ତିରେ ଏବଂ ତୁମର ପ୍ରତ୍ୟେକ ଗତିବିଧିରେ ଗୋଟିଏ ନୂର୍ (ଜ୍ୟୋତି/ଆଲୋକ)ରହିବ । ଯେଉଁ ମାର୍ଗରେ ତୁମେମାନେ ଚାଲିବ ସେହି ମାର୍ଗ ଜ୍ୟୋତିର୍ମୟ ହୋଇଯିବ । ସୁତରାଂ ତୁମର ଯେତେକ ପଥ ଅଛି , ତୁମ ଅଙ୍ଗପ୍ରତ୍ୟଙ୍ଗ (ଅର୍ଥାତ ଶକ୍ତିପ୍ରଦାନକାରୀ ଅଙ୍ଗ), ତୁମ ଇନ୍ଦ୍ରିୟର ପଥ , ସେସବୁ ନୂର୍ (ଜ୍ୟୋତି/ଆଲୋକ)ରେ ଭରିଯିବେ ଓ ତୁମେମାନେ ଆପାଦମସ୍ତକ ନୂର୍ (ଜ୍ୟୋତି/ଆଲୋକ)ରେ ଚାଲିବ ।’’**(ଆଇନାଏ କମାଲାତେ ଇସଲାମ୍ , ରୁହାନୀ ଖଜାଇନ୍ , ଖ-୦୫ , ପୃ-୧୭୭-୧୭୮)**

ତୁମମାନଙ୍କର ଯେତେକ ପଥ ଅଛି ,ସେହି ପଥଗୁଡିକ ପୁଣ୍ୟଆଡକୁ ନେଇଯାଉଥିବାର ପଥ ହେବେ । ତୁମର ଚିନ୍ତାଧାରା ଏବଂ ଭାବନା ସବୁକିଛି ପୁଣ୍ୟ ହୋଇଯିବ । କୁକର୍ମ କରିବାର ଭାବନା ବିନିଷ୍ଟ ହୋଇଯିବ । ଯେତେବେଳେ ଏହିପରି ଗୋଟିଏ ସମାଜ ଗଠନ ହୋଇଥାଏ ସେତେବେଳେ ଅବଶ୍ୟ ତକଓ୍ୱା (ଧର୍ମପରାୟଣତା) ଉପରେ ପରଚାଳିତ ହେଉଥିବା ଗୋଟିଏ ସମାଜ ସୃଷ୍ଟି ହୋଇଥାଏ । ପୁଣି କହିଲେ ଯେ ‘‘ପ୍ରାଚୀନ କାଳରୁ ପ୍ରକୃତିର ଏ ନିୟମ ଚାଲିଆସୁଅଛି ଯେ ଏହା ସବୁକିଛି ସିଦ୍ଧ ଜ୍ଞାନ ପରେ ହାସଲ ହୋଇଥାଏ । ଭୟ ,ପ୍ରେମ ଏବଂ କୃତଜ୍ଞତାର ମୂଳ ହେଉଛି ସିଦ୍ଧ ଜ୍ଞାନ । ତେଣୁ ଯାହାକୁ ସିଦ୍ଧ ଜ୍ଞାନ ମିଳିଗଲା , ତାକୁ ଭୟ ଓ ପ୍ରେମ ବି ସମ୍ପୂର୍ଣ୍ଣ ରୂପେ ଦିଆଗଲା । ଯାହାକୁ ଭୟ ଓ ପ୍ରେମ ସମ୍ପୂର୍ଣ୍ଣ ଦିଆଗଲା , ଏପରି ସମସ୍ତ ପାପ ଯାହା ଦୁଃସାହସ ଦ୍ୱାରା ସୃଷ୍ଟି ହୋଇଥାଏ ସେଥିରୁ ତାକୁ ଉଦ୍ଧାର କରାଯାଏ ।

ସୁତରାଂ ଏହି ପରତ୍ରାଣ ପାଇଁ ନା କୌଣସି ରକ୍ତ ଦରକାର, ନା କୌଣସି ସଲିବ୍ (କୃଶ)ର ଆବଶ୍ୟକ ଏବଂ ନା କୌଣସି କଫାରାର ଆବଶ୍ୟକ ବରଂ ଅମକୁ ଗୋଟିଏ ବଳିଦାନ ଦେବାର ଦରକାର ,ତାହା ହେଉଛି ଆମ ଆତ୍ମାର ବଳିଦାନ । ଯାହାର ଆବଶ୍ୟକତା ଆମର ପ୍ରକୃତି (ଓ ଆମର ସ୍ୱଭାବ) ଅନୁଭବ କରୁଅଛି । ଅନ୍ୟ ଅର୍ଥରେ ଏପରି ବଳିଦାନର ନାମ ହେଉଛି ଇସଲାମ୍ ।’’ ଆତ୍ମା/ମନ ର ବଳିଦାନ ଜଣକୁ ତକଓ୍ୱା (ଧର୍ମପରାୟଣ/ଧାର୍ମିକ) କରିଦେଇଥାଏ । ଏହାର ନାମ ହେଉଛି ଇସଲାମ୍ । ‘‘ଇସ୍‌ଲାମ୍ ର ଅର୍ଥ ହେଉଛି ଜେବହ୍ (ଅର୍ଥାତ୍ ଯେଉଁଭଳି ଗୋଟିଏ ଜୀବ କସେଇ ହାତରେ ବଳିପଡିଥାଏ ସେହିଳପରି ଜଣେ ବଳିପଡିବା) ପାଇଁ ତା ନିଜ ବେକକୁ ଆଗକୁ ବଢାଇ ଦେଇଥାଏ । ଅର୍ଥାତ୍ ନିଜର ଆତ୍ମାକୁ ଖୁଦାତାଲାଙ୍କ ଦରବାରରେ ପୂର୍ଣ୍ଣ ଆନନ୍ଦରେ ରଖିଦେବା । ଏହି ସୁନ୍ଦର ନାମ ହେଉଛି ସମଗ୍ର ଶରିୟତ୍ (ଧର୍ମ ବିଧାନ)ର ଆତ୍ମା ଏବଂ ସମସ୍ତ ଆଦେଶର(ଅର୍ଥାତ ସମସ୍ତ ଐଶ୍ୱରିକ ନିୟମ କାନୁନ ଓ ନିର୍ଦ୍ଦେଶାବଳୀଗୁଡିକର) ପ୍ରାଣ । ଜେଭ(ଅର୍ଥାତ ମରିବା)ପାଇଁ ନିଜ ବେକକୁ ସ୍ୱଇଚ୍ଛାରେ ଓ ଅନନ୍ଦରେ ଆଗକୁ ବଢାଇଦେବା ସିଦ୍ଧ ପ୍ରେମ ଓ ସିଦ୍ଧ ଅନୁରାଗକୁ ପ୍ରକାଶ କରିଥାଏ ଏବଂ ସିଦ୍ଧ ପ୍ରେମ ସିଦ୍ଧ ଜ୍ଞାନକୁ ଚାହିଁଥାଏ ।’’ ଯେପର୍ଯ୍ୟନ୍ତ କୌଣସି ଜିନିଷର ପୂର୍ଣ୍ଣ ଜ୍ଞାନ ହାସଲ ନ ହୋଇଛି ସେପର୍ଯ୍ୟନ୍ତ ପ୍ରେମ ସୃଷ୍ଟି ହୋଇପାରିବ ନାହିଁ । ‘‘ଅତେବ ଇସଲାମ୍ ଶବ୍ଦଟି ଏଥିପ୍ରତି ସୂଚିତ କରିଥାଏ ଯେ ପ୍ରକୃତ ବଳିଦାନ ନିମନ୍ତେ ସିଦ୍ଧ ଜ୍ଞାନ ତଥା ସିଦ୍ଧ ପ୍ରେମର ଆବଶ୍ୟକ ହୋଇଥାଏ । ଅନ୍ୟ କୌଣସି ଜିନିଷ ର ଆବଶ୍ୟକ ହୁଏନାହିଁ । ଏହି କଥା ପ୍ରତି ସୂଚନା ଦେଇ ଅଲ୍ଲାଃତାଲା ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି ଯେ ଲନ୍ ୟନାଲଲ୍ଲାହା ଲହୁମୁହା ଓ୍ୱଲା ଦିମାଉହା ଓ୍ୱଲାକିନ୍ ୟନାଲୁହୁତ୍ ତକଓ୍ୱା ମିନ୍‌କୁମ୍ (ସୁରଃ ଅଲହଜ୍ :୩୮) ଅର୍ଥାତ୍ ତୁମର (ବଳିଦାନ)ଦ୍ୱାରା ନା ତ ମାଂସ ମୋ ପର୍ଯ୍ୟନ୍ତ ପଂହଚି ପାରିବ ନା ରକ୍ତ ବରଂ ଏକମାତ୍ର ବଳିଦାନ ମୋ ପର୍ଯ୍ୟନ୍ତ ପଂହଚିଥାଏ ଯେ ତୁମେମାନେ ମତେ ଭୟକର ଓ ମୋ ତକଓ୍ୱାକୁ ଗ୍ରହଣ କର ।’’ **(ଲେକଚର୍ ଲାହୋର୍ , ରୁହାନୀ ଖଜାଇନ୍ , ଖ-୨୦ , ପୃ-୧୫୧-୧୫୨)**

ସୁତରାଂ ଏହା ହେଉଛି ତକଓ୍ୱାର ସ୍ତର ଯାହା ଈଶ୍ୱର ଆମଠାରୁ ଚହୁଁଛନ୍ତି । ଯାହା ଅଲ୍ଲାଃତାଲାଙ୍କ ରସୁଲ୍ ସ ଆ ସ ଆମଠାରୁ ଆଶାକରିଛନ୍ତି । ଯାହା ଏ ଯୁଗର ଇମାମ୍ ଆମଠାରୁ ଆଶାକରିଛନ୍ତି । ଏ ବିଷୟରେ ବାରମ୍ବାର ପବିତ୍ର କୁରଆନରେ ନିର୍ଦ୍ଦେଶ ଦିଆଯାଇଅଛି ଏବଂ ଏହାକୁ ହାସଲ କରିବା ପାଇଁ ରମଜାନ ମାସରେ ରୋଜାକୁ ବାଧ୍ୟତାମୂଳକ କରାଯାଇଅଛି । ଅମମାନଙ୍କ ମଧ୍ୟରେ ସେହି ଲୋକମାନେ ସୌଭାଗ୍ୟବାନ ଯେଉଁମାନେ ଏହି ଚିନ୍ତାଧାରା ରଖି ଏପରି କରିବାପାଇଁ ଚେଷ୍ଟା କରିବେ ଯେ ଏହି ତକଓ୍ୱାକୁ ହାସଲ କରିବା ପାଇଁ ଏହି ରମଜାନର ଅବଶିଷ୍ଟ ରୋଜା ପାଳନ କରିବେ । ଅଲ୍ଲାଃତାଲା କରନ୍ତୁ ଯେ ସେମାନେ ସେହିପରି ହିଁ ଏହି ରମଜାନକୁ ପାଳନ କରନ୍ତୁ ଓ ଆମେ ନିଜ କଥନ ତଥା କର୍ମକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଅନୁରୂପ ପାଳନକରିବାକୁ ହେବ ।

ଜଣେ ଲୋକ ହଜରତ୍ ମସିହ ମଉଦ ଆ ସ ଙ୍କ ନିକଟକୁ ଆସି କହିଲା ଯେ ଲୋକମାନେ ଆପତି କରୁଛନ୍ତି କି ଆପଣ ମସିହ ମଉଦ ହେବାର ଦାବି କରିଛନ୍ତି । ଯେବେ କି ଆପଣ ତ ସୟଦ ନୁହଁନ୍ତି , ଜଣେ ସୟଦ୍ କିପରି ଜଣେ ଉମ୍ମତି(ଅର୍ଥାତ୍ ଇସଲାମର ଜଣେ ଅଧିନସ୍ତ)ଙ୍କର କିପରି ବୟତ କରିପାରେ ? କେତେକ ସୟଦ ସୟଦମାନଙ୍କୁ ଉଚ୍ଚ ପଦମର୍ଯ୍ୟାଦା ଦେଇ ଏ କଥା ପ୍ରକାଶ କରିଥାନ୍ତି ଯେ ସୟଦମାନଙ୍କର ଅସାଧାରଣ ପଦମର୍ଯ୍ୟାଦା ରହିଛି । ତେଣୁ ସୟଦ କିପରି ଜଣେ ଅଣ ସୟଦଙ୍କର ବୟତ କରିପାରେ ? ଠିକ ସେହିପରି ଆଜିକାଲି କିଛି ଆରବୀୟ ମାନଙ୍କର ଏ ଧାରଣା ସୃଷ୍ଟି ହୋଇଛି ଯେ ମସିହ ମଉଦଙ୍କୁ ଯଦି ଆସିବାର ଥିଲା ତାହେଲେ ସେ ଆରବୀୟମାନଙ୍କ ମଧ୍ୟରୁ ଆସିଥାନ୍ତେ । ସେ ଅଣ ଆରବୀୟମାନଙ୍କ ମଧ୍ୟରେ କିପରି ଆସିଗଲେ , ଏହାକୁ କିପରି ଆମେ ମାନିନେବୁ ? ପବିତ୍ର କୁରଆନ ପାଠକରୁଛନ୍ତି କିନ୍ତୁ ତାହା ଉପରେ ଚିନ୍ତା ବିଚାର କରୁନାହାନ୍ତି । ଉତର ତା ଭିତରେ ରହିଛି । ଅଲ୍ଲାଃତାଲା କୁହନ୍ତି ଯେ ଏହି ପଦମର୍ଯ୍ୟାଦା ମୋତେ ଦେବାକୁ ହୋଇଥାଏ । କୌଣସି ଲୋକ ଏହି ପଦବୀକୁ ବାଂଟି ପାରିବ ନାହିଁ । ସେ ଯାହା ବି ହେଉ ଆପଣ ଆ ସ କୁହନ୍ତି ଯେ ‘‘ ଈଶ୍ୱର ନା କେବଳ ଶରୀରକୁ ଦେଖି ପ୍ରସନ୍ନ ହୋଇଥାଏ ନା କୌଣସି ଜାତି(ବଂଶ)କୁ ଦେଖି ଖୁସି ହୋଇଥାନ୍ତି । ତାହାଙ୍କ ନଜର ସର୍ବଦା ତକଓ୍ୱା (ଧର୍ମପରାୟଣତା) ଉପରେ ଥାଏ । ଇନ୍ନା ଅକରମକୁମ୍ ଇନ୍ଦଲ୍ଲାହି ଅତକାକୁମ୍ (ସୁରଃ ଅଲହୁଜୁରାତ୍ :୧୪)ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେ ସବୁଠାରୁ ଅଧିକା ଧର୍ମପରାୟଣ , ସେ ଅଲ୍ଲାଃଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକା ସମ୍ମାନିତ । ଏକଥା ସମ୍ପୂର୍ଣ୍ଣ ମିଥ୍ୟା ଯେ ମୁଁ ହେଉଛି ସୟଦ୍ ବା ମୋଗଲ୍ ବା ପଠାଣ ବା ଶେଖ୍ । ଯଦି ଜଣେ ତା ବଡ ଜାତି ପାଇଁ ଗର୍ବ କରୁଛି ତାହେଲେ ଏପରି ଗର୍ବ ନିରର୍ଥକ । ମୃତ୍ୟୁ ପରେ ସବୁ ଜାତିପାତି ଶେଷ ହୋଇଯାଏ । ଈଶ୍ୱରଙ୍କ ନିକଟରେ ଜାତିପ୍ରଥାର କିଛି ଅଉକାତ ନାହିଁ । କୌଣସି ବ୍ୟକ୍ତି ତା ଉଚ୍ଚ ଜାତିପାଇଁ ନଜାତ୍ (ଅର୍ଥାତ୍ ମୋକ୍ଷ)ପାଇପାରିବ ନାହିଁ । ରସୁଲୁଲ୍ଲାଃ ସ ଆ ସ ହଜରତ୍ ଫାତିମା ର ଅ ଙ୍କୁ କହିଲେ ଯେ ହେ ଫାତିମା ! ତୁମେ ଅଲ୍ଲାଃଙ୍କ ବାର୍ତାବହଙ୍କ ଝିଅ ବୋଲି ଗର୍ବ ଅନୁଭବ କରନାହିଁ । ଅଲ୍ଲାଃତାଲା ଜାତିବାଦ ପ୍ରତି ଧ୍ୟାନ

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2020-2022 Vol.7 Thursday 30 June 2022 Issue No. 26**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଦିଅନ୍ତି ନାହିଁ ।'' ତେଣୁ ଯଦି ହଜରତ୍ ଫାତିମା ର ଅ ଙ୍କ ନିମନ୍ତେ ଏପରି ନିର୍ଦ୍ଦେଶ ତଥା ଆଦେଶ ରହିଛି ତାହେଲେ ଆଉ କିଏ ବାକି ରହିଗଲା ? ପୁଣି କହିଲେ ଯେ ''ସେଠାରେ ଯେଉଁ ପଦମର୍ଯ୍ୟାଦା ମିଳିଥାଏ ,ତାହା ତକୱା (ଧର୍ମପରାୟଣତା)ଦୃଷ୍ଟିରୁ ମିଳିଥାଏ । ଏହି ଜାତି ତଥା ଜନଜାତି ,ସବୁ ହେଉଛି ଏ ଜଗତର ନାମ ଏବଂ ବ୍ୟବସ୍ଥା । ଖୁଦାତାଲାଙ୍କ ସହିତ ଏ ମାନଙ୍କର କୌଣସି ସମ୍ପର୍କ ନାହିଁ ।

ଈଶ୍ୱରଙ୍କ ସହିତ ପ୍ରେମ ତକୱାରୁ ସୃଷ୍ଟି ହୋଇଥାଏ ଏବଂ ତକୱା ହିଁ ଉଚ୍ଚ ପଦମର୍ଯ୍ୟାଦା ପ୍ରାପ୍ତ କରିବାର କାରଣ ହୋଇଥାଏ । ଯଦି ଜଣେ ସୟଦ ହୋଇଥିବ କିନ୍ତୁ ସେ ଖ୍ରୀଷ୍ଟିଆନ ହୋଇ ରସୁଲୁଲ୍ଲାଃ ସ ଆ ସଙ୍କୁ ଗାଳି ଗୁଲଜ କରେ ଏବଂ ଖୁଦାତାଲାଙ୍କ ଆଦେଶାବଳୀକୁ ଅବମାନ କରେ , ତାହେଲେ କଣ କିଏ ଏକଥା କହିପାରେ ଯେ ସେ ରସୁଲଙ୍କ ସମ୍ପ୍ରଦାୟର ହୋଇଥିବା ଯୋଗୁଁ ଖୁଦାତାଲା ତାକୁ ମୋକ୍ଷ ପ୍ରଦାନ କରିବେ ଓ ସେ ବୈକୁଣ୍ଠରେ ସ୍ଥାନ ପାଇଯିବ ? **ଇନ୍ନଦ୍ ଦ୍ଦୀନା ଇନ୍ଦଲ୍ଲାହିଲ୍ ଇସଲାମ୍ (ସୁରଃ ଆଲେ ଇମରାନ୍ :୨୦)** ଅଲ୍ଲାଃତାଲା ଙ୍କ ନିକଟରେ ପ୍ରକୃତ ଇସଲାମ୍ ଧର୍ମ ହେଉଛି ତାହା ଯାହା ମୋକ୍ଷ(ପରିତ୍ରାଣ)ର କାରଣ ହୋଇଥାଏ । ଯଦି କିଏ ଇସାଇ (ଖ୍ରୀଷ୍ଟିଆନ୍)ହୋଇଯାଏ ବା ଇହୁଦୀ ହୋଇଯାଏ ବା ଆର୍ଯ୍ୟ ହୋଇଯାଏ ତାହେଲେ ସେ ଈଶ୍ୱରଙ୍କ ନିକଟରେ ସମ୍ମାନ ପାଇବାର ଯୋଗ୍ୟ ନାହିଁ । ଖୁଦାତାଲା ଜାତିପ୍ରଥାକୁ ଶେଷ କରିଦେଇଛନ୍ତି । ଏହା ହେଉଛି ଏ ଦୁନିଆର ବ୍ୟବସ୍ଥା ତଥା ଚିହ୍ନାଯିବା ନିମନ୍ତେ ଭଳି ଭଳିକା ଗୋଷ୍ଠୀ । କିନ୍ତୁ ଆମେ ଭଲଭାବରେ ବିଚାର କରି ଦେଖିସାରିଛୁ ଯେ ଖୁଦାତାଲାଙ୍କ ନିକଟରେ ଯେଉଁ ପଦମର୍ଯ୍ୟାଦା ମିଳିଥାଏ ,ତାହାର ଅସଲ କାରଣ ହେଉଛି ତକୱା । ଯିଏ ଧର୍ମପରାୟଣ ସେ ବୈକୁଣ୍ଠକୁ ଯିବ । ଖୁଦାତାଲା ତାପାଁଇ ଏ ନିଷ୍ପତି କରିସାରିଛନ୍ତି । ଖୁଦାଙ୍କ ନିକଟରେ ସମ୍ମାନିତ ବ୍ୟକ୍ତି ହେଉଛନ୍ତି ମୁତତକୀ (ଅର୍ଥାତ ଧର୍ମପରାୟଣ ଲୋକେ) । ପୁଣି ଅଲ୍ଲାଃତାଲା କୁହନ୍ତି ଇନ୍ନମା ୟତକବବଲୁଲ୍ଲାହୁ ମିନଲ୍ ମୁତ୍ତକୀନ୍ (ସୁରଃ ଅଲମାଇଦାଃ: ୨୮)ଅର୍ଥାତ୍ ମୁତ୍ତକୀ(ଅର୍ଥାତ ଧର୍ମପରାୟଣ ଲୋକ) ମାନଙ୍କର କର୍ମ ତଥା ଦୁଆ କୁବୁଲ୍ (ଅର୍ଥାତ ଗ୍ରହଣ)ହୋଇଥାଏ । ଏହା ନୁହେଁ ଯେ **ମିନସ୍ ସୈୟିଦୀନ୍** । ପୁଣି ଅଲ୍ଲାଃତାଲା ମୁତ୍ତକୀ ମାନଙ୍କ ନିମନ୍ତେ କହିଲେ **ମଇଁ ୟତ୍ତକିଲ୍ଲାହା ୟଜଅଲ୍ ଲହୁ ମଖରଜନ୍ ୱ ୟରଜୁକ୍‌ହୁ ମିନ୍ ହୈସୁ ଲା ୟହ୍‌ତସିବ୍ (ସୁରଃ ତଲାକ୍ :୩-୪)** ଅର୍ଥାତ୍ ପ୍ରତ୍ୟେକ ପ୍ରକାରର ସଂକୀର୍ଣ୍ଣତାରୁ ମୁତତକୀ (ଅର୍ଥାତ ଧର୍ମପରାୟଣ ଲୋକେ) ମୁକ୍ତି ପାଇଥାନ୍ତି । ତାଙ୍କୁ ଏମିତି ସ୍ଥାନରୁ ରିଜକ୍ (ଅର୍ଥାତ୍ ଜୀବିକା) ପ୍ରଦାନ କରାଯାଇଥାଏ,ଯାହାର ସେ କଳ୍ପନା ବି କରିନଥାନ୍ତି । ଏବେ ମତେ ବତାଇଦିଅନ୍ତୁ ଯେ ଏହି ପ୍ରତିଶୃତି ସୟଦମାନଙ୍କୁ ଦିଆଯାଇଅଛି ନା ମୁତତକୀ ମାନଙ୍କୁ ଦିଆଯାଇଅଛି ? ପୁଣି କହିଲେ ଯେ ମୁତତକୀ ହିଁ ଅଲ୍ଲାଃତାଲାଙ୍କର ବନ୍ଧୁ ହୋଇଥାନ୍ତି । ଏ ପ୍ରତିଶୃତି ବି ସୟଦମାନଙ୍କୁ ଦିଆଯାଇନାହିଁ । ୱିଲାୟତ୍ (ଅର୍ଥାତ୍ ଅଲ୍ଲାଃତାଲାଙ୍କ ସହିତ ବନ୍ଧୁତା କରିବା) ଠାରୁ ବଳି ଆଉ କଣ ପଦମର୍ଯ୍ୟାଦା ହୋଇପାରେ । ଏହା ମଧ୍ୟ ମୁତତକୀମାନଙ୍କୁ ହିଁ ମିଳିଥାଏ । କିଛି ଲୋକେ ୱିଲାୟତ୍‌କୁ ନବୁୱତ୍ ଅପେକ୍ଷା ଅଧିକ ଗୁରୁତ୍ୱ ଦେଇଥାନ୍ତି ଓ କୁହନ୍ତି ଯେ ନବୀଙ୍କ ୱିଲାୟତ୍ ତାହାଙ୍କ ନବୁୱତ୍‌ଠାରୁ ଅଧିକା । ନବୀଙ୍କ ଅସ୍ତିତ୍ୱ ବାସ୍ତବିକ ଦୁଇଟି ଜିନିଷର ସମାହାର । ନବୁୱତ୍ ଏବଂ ୱିଲାୟତ୍ ।

ନବୁୱତ୍ ଜରିଆରେ ସେ (ଅଲ୍ଲାଃଙ୍କ)ଆଦେଶ ତଥା ଶରିୟତ୍(ର ନିୟମ କାନୁନ)ଗୁଡିକ ବିଷୟରେ ଭକ୍ତମାନଙ୍କୁ ଅବଗତ କରିଥାନ୍ତି ଏବଂ ୱିଲାୟତ୍ ମାଧ୍ୟମରେ ସେମାନଙ୍କର ସମ୍ପର୍କକୁ ଈଶ୍ୱରଙ୍କ ସହିତ ସ୍ଥାପନ କରିଥାନ୍ତି ।

ପୁଣି ଅଲ୍ଲାଃ କହିଛନ୍ତି ଯେ **ଜାଲିକଲ୍ କିତାବୁ ଲା ରୈବା ଫିହି ହୁଦଲ୍ ଲିଲ୍ ମୁତତକୀନ୍ (ସୁରଃ ଅଲ୍ ବକରାଃ :୦୩)** ଏଠାରେ **ହୁଦଲ୍ ଲିଲ୍ ସୈୟେଦୀନ୍** କୁହାଯାଇନାହିଁ । ସୁତରାଂ ଈଶ୍ୱର ତକୱା ଚାହାନ୍ତି । ହଁ ସୟଦମାନଙ୍କୁ ଆବଶ୍ୟକ ଯେ ସେମାନେ ଏଥିପ୍ରତି ଅଧିକା ଧ୍ୟାନ ଦିଅନ୍ତୁ । କାରଣ ସେମାନେ ହେଉଛନ୍ତି ମୁତତକୀମାନଙ୍କର ସନ୍ତାନ । ସେମାନଙ୍କର ଏହା କର୍ତବ୍ୟ ଅଟେ ।'' ଯେ ସେମାନେ ତକୱା ଗ୍ରହଣ କରିବା ନିମନ୍ତେ ଚେଷ୍ଟା କରନ୍ତୁ । ଏପରି ନୁହେଁ ଯେ ସେମାନଙ୍କର ସୟଦ ହେବାଟା ସେମାନଙ୍କୁ କୌଣସି ପଦବୀ ବା ସ୍ଥାନ ଦେଇଥାଏ । ପୁଣି କହିଲେ ଯେ ''ତେଣୁ ସେମାନଙ୍କର ଏ କର୍ତବ୍ୟ ଯେ ସେମାନେ ସର୍ବପ୍ରଥମେ ଆସନ୍ତୁ , ନା କି ସେମାନେ ଖୁଦାତାଲାଙ୍କ ସହିତ ଝଗଡା କରନ୍ତୁ ଯେ ଏହା ତ ସୟଦମାନଙ୍କର ଅଧିକାର ଥିଲା । ସେ ଯାହାକୁ ଇଚ୍ଛା କରନ୍ତି ତହାଙ୍କୁ ପ୍ରଦାନ କରିଥାନ୍ତି । **ଜାଲିକା ଫଜ୍‌ଲୁଲ୍ଲାହି ୟୁତିହି ମଇଁ ୟଶାଉ ୱଲ୍ଲାହୁ ଜୁଲ୍ ଫଜଲିଲ୍ ଅଜୀମ୍ (ସୁରଃ ଜୁମା :୦୫)** ଏହା ହେଉଛି ଏମନ୍ତ କଥା ଯେମନ୍ତ କଥା ଇହୁଦୀମାନେ କହିଥାନ୍ତି ଯେ ବନି ଇସ୍‌ମାଇଲ୍ କୁ କାହିଁକି ନବୁୱତ୍ ମିଳିଲା । ସେମାନେ ଜାଣନ୍ତି ନାହିଁ । **ତିଲ୍‌କଲ୍ ଅୟାମୁ ନୁଦାୱିଲୁହା ବୈନନ୍ ନାସି (ଆଲେ ଇମରାନ୍ :୧୪୧)** ଯଦି କିଏ ଈଶ୍ୱରଙ୍କ ସହିତ ପ୍ରତିଦ୍ୱନ୍ଦିତା କରିଛି , ତିରସ୍କୃତ ହୋଇଛି ।''ଏହି ଆୟତର ଅର୍ଥ ହେଉଛି ଏହା କି ଏହି ଦିନଗୁଡିକରେ ଆମେ ଲୋକମାନଙ୍କ ମଧ୍ୟରେ ଅଦଳ ବଦଳ ଦେଖିଥାଉଁ । ତେଣୁ ଏହା ହେଉଛି ଅଲ୍ଲାଃତାଲାଙ୍କ ନିଷ୍ପତି । ଆପଣ ଆ ସ କୁହନ୍ତି ଖୁଦାତାଲାଙ୍କ ସହିତ ଯଦି କିଏ ପ୍ରତିଦ୍ୱନ୍ଦ୍ୱିତା କରୁଥାଏ ସେ ବିତାଡିତ ହୋଇଥାଏ । ସେ (ଅର୍ଥାତ ଈଶ୍ୱର)ସମସ୍ତଙ୍କୁ ପଚାରିପାରିବେ ତାହାଙ୍କୁ କିଏ ପଚାରିପାରିବେ ନାହିଁ ।''**(ମଲଫୁଜାତ୍ , ଖ-୦୩ , ପୃ-୩୪୩-୩୪୫ , ଏଡିଶନ୍ ୧୯୮୪)**

ପୁଣି ସେ ନିଜ ଦାବିଗୁଡିକ ଉପରେ ଲଗାଯାଇଥିବା ଆରୋପ ର ଉତରରେ କୁହନ୍ତି ଯେ '' ଯେବେ ଆଁହଜରତ୍ ସ ଆ ସଙ୍କୁ ପ୍ରେରଣ କରାଗଲା ଓ ଆପଣ ସ ଆ ସ ଦାବି କଲେ ,ସେତେବେଳେ ବି ଲୋକମାନଙ୍କ ଦୃଷ୍ଟିରେ ଅନେକ ଇହୁଦୀ ପଣ୍ଡିତ ମୁତତକୀ ତଥା ଧାର୍ମିକ ଭାବରେ ପ୍ରଶିଦ୍ଧ ଥିଲେ । କିନ୍ତୁ ଏହା ଜରୁରୀ ନୁହେଁ ଯେ ସେମାନେ ଖୁଦାତାଲାଙ୍କ ନଜରରେ ଧାର୍ମିକ ଅଟନ୍ତି । ଅଲ୍ଲାଃତାଲା ସେହି ମୁତତକୀ ମାନଙ୍କ ବିଷୟରେ ଉଲ୍ଲେଖ କରିଥାନ୍ତି ଯେଉଁମାନେ ତାହାଙ୍କ ନକଟରେ ଧର୍ମପରାୟଣ ଓ ନିଷ୍ଠାବାନ ଅଟନ୍ତି । ଯେବେ ସେହି ଲୋକମାନେ ଆଁହଜରତ୍ ସ ଆ ସଙ୍କୁ ଶୁଣିଲେ ,ଲୋକମାନଙ୍କ ମଧ୍ୟରେ ତାଙ୍କର ଯେଉଁ ସ୍ୱଷ୍ଟିକରଣ ଥିଲା ,ସେଥିରେ ପାର୍ଥକ୍ୟ ପରିଲକ୍ଷିତ ଦେଖି ସେମାନେ ଅଂହକାରୀ ହୋଇ ସତ୍ୟକୁ ଗ୍ରହଣ କଲେନାହିଁ । ଏବେ ଦେଖନ୍ତୁ ସେମାନେ ଲୋକମାନଙ୍କ ସମ୍ମୁଖରେ ତ ଧର୍ମପାରାୟଣ/ ଧାର୍ମିକ ଥିଲେ କିନ୍ତୁ ସେମାନଙ୍କର ନାମ ମୁତତକୀ ନଥିଲା ।

ପ୍ରକୃତ ଧର୍ମପାରାୟଣ/ଧାର୍ମିକ ହେଉଛି ଏପରି ବ୍ୟକ୍ତି , ଯାହାର ସମ୍ମାନ ହାନି ହେଉ ପଛକେ, ହଜାରେ ମାନସମ୍ମାନ ଚାଲିଯାଉ ପଛକେ ,ଜୀବନ ଯିବାର ବିପଦ ଥାଉ ବା ଦାରିଦ୍ର୍ୟ ତଥା ଅନାହାର ରେ କାଳାତିପାତ କରୁ ପଛକେ, ସେ ଏପରି ପରସ୍ଥିରେ କେବଳ ଅଲ୍ଲାଃତାଲାଙ୍କୁ ଭୟ କରି ଏହି ସମସ୍ତ କ୍ଷତିକୁ ସହିଯିବ କିନ୍ତୁ ସତ୍ୟକୁ ଲୁଚାଇବ ନାହିଁ ।

ଆଜିକାଲିର ମୁଲ୍ଲାମାନେ ମୁତତକୀର ଅର୍ଥକୁ ଅଦାଲତରେ ଯେଉଁଭଳି ବର୍ଣ୍ଣନା କରୁଛନ୍ତି ,ସେମିତି କଦାପି ହୋଇନଥାଏ । ଜଣେ ଲୋକ ମୁଁହରେ ତ ସବୁ ମାନିନେଇଥାଏ କିନ୍ତୁ ତାହାର କର୍ମ ସେହି କଥା ଅନୁସାରେ ହୋଇଥାଉ ବା ନ ହୋଇଥାଉ , ସେ ମିଛ ବି କହୁଥାଉ ,ଚୋରି ବି କରୁଥାଉ ଏହା ସତ୍ୱେ ବି କଣ ସେ ମୁତତକୀ ବୋଲାଇବ '' ଅର୍ଥାତ କେବଳ ମୁସଲମାନ୍ ବୋଲାଇବା ଦ୍ୱାରା ତକୱା ମିଳେନାହିଁ । ''ତକୱାର ବି ସ୍ତର ରହିଛି । ଯେପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ନ ହୋଇଛି ସେପର୍ଯ୍ୟନ୍ତ ମଣିଷ ସିଦ୍ଧ ଧର୍ମପରାୟଣ ହୁଏନାହିଁ ।

ପ୍ରତ୍ୟେକ ଜିନିଷ ସେତେବେଳେ ଉପଯୋଗୀ ହୋଇଥାଏ ଯେତେବେଳେ ତାହା ସମ୍ପୂର୍ଣ୍ଣ ପରିମାଣରେ ନିଆଯାଇଥାଏ । ଯଦି ଜଣକୁ ଭୋକ ବା ଶୋଷ ଲାଗୁଥାଏ ତାହେଲେ ରୁଟିର ଟିକିଏ ଗୁଣ୍ଡ ବା ବୁନ୍ଦାଏ ପାଣି ଦ୍ୱାରା ତାର ପେଟ ପୁରେନାହିଁ । ''ମୌଲବୀମାନେ ନିଜକୁ ବଡ ଜ୍ଞାନୀ ଭାବରେ ପ୍ରକାଶ କରିଥାନ୍ତି । ଏହା ସେମନଙ୍କର ତକୱା ନୁହେଁ । ତକୱା ତ କର୍ମଦ୍ୱାରା ସୃଷ୍ଟି ହୋଇଥାଏ । କାହାକୁ ମୌଲବୀ କହିବା ଦ୍ୱାରା ବା ବଡ ଜ୍ଞାନୀ ବୋଲାଇବା ଦ୍ୱାରା ତକୱା ସୃଷ୍ଟି ହୋଇଯାଏନାହିଁ । ପୁଣି କୁହନ୍ତି ''ଯଦି ଜଣକୁ ଭୋକ ବା ଶୋଷ ଲାଗେ ତାହେଲେ ରୁଟିର ଟିକିଏ ଗୁଣ୍ଡ ବା ପାଣି ବୁନ୍ଦାଏ ନେଇ ତାର ଭୋକ ଓ ଶୋଷ ମେଂଟି ନଥାଏ ଓ ନା ସେ ତା ଜୀବନକୁ ବଂଚାଇପାରିବ । ଯେ ପର୍ଯ୍ୟନ୍ତ ପେଟପୁରା ନଖାଇଛି ବା ନ ପିଇଛି । ଏହି ଅବସ୍ଥା ହେଉଛି ତକୱାର । ଯେ ପର୍ଯ୍ୟନ୍ତ ମଣିଷ ତାର ପ୍ରତ୍ୟେକ ଦିଗକୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ ନକରଛି ସେପର୍ଯ୍ୟନ୍ତ ସେ ମୁତତକୀ ହୋଇପାରିବ ନାହିଁ । ଯଦି ଏପରି ନୁହେଁ ତାହେଲେ ଆମେ ଜଣେ କାଫିରକୁ ବି ମୁତତକୀ କହିପାରିବା କାରଣ ତକୱାର କୌଣସି ନା କୌଣସି ଦିଗ/ପାର୍ଶ୍ୱ (ଅର୍ଥାତ ଗୁଣ)ତା ଭିତରେ ତ ଥିବ ।'' ତା ମଧ୍ୟରେ ନିଶ୍ଚିତ ଥିବ ।'' କିଛି ନା କିଛି ପୂଣ୍ୟକର୍ମ ତ ସେ କରିଥାଏ । ଏହାଦ୍ୱାରା ସେ ମୁତତକୀ ତ ହୋଇଯାଏ ନାହିଁ । ''ଅଲ୍ଲାଃତାଲା କାହାପାଇଁ କେବଳ ଅନ୍ଧକାର ତ ସୃଷ୍ଟି କରିନାହିଁ ।'' ସମସ୍ତଙ୍କଠାରେ ସବୁତକ ମନ୍ଦକର୍ମ ତ ରଖିଦେଇନାହିଁ । ଭଲ ଗୁଣ ବି ରହଛି । କିନ୍ତୁ ଯଦି ଜଣେ କାଫିର(ଅର୍ଥାତ୍ ଈଶ୍ୱରଙ୍କ ଉପରେ ବିଶ୍ୱାସ ନଆଣିଥିବା ଲୋକ)ର ଏତିକି ମାତ୍ର ତକୱା ତାକୁ କୌଣସି ଲାଭ ଦେଇନଥାଏ । ଏତେ ମାତ୍ରାରେ ହେବାକଥା ଯେ ଯଦ୍ୱାରା ହୃଦୟ ଆଲୋକିତ ହୋଇଯିବ । '' ଯେମିତିକି ପୂର୍ବରୁ ଏ ଆଲୋଚନା ସରିଛି ଯେ ସେମାନେ ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟେ ତଥା ତାହାଙ୍କ ଭକ୍ତମାନଙ୍କ ପ୍ରତି ଥିବା କର୍ତବ୍ୟକୁ ପ୍ରଦାନ କରୁଥିବେ । ସବୁପ୍ରକାରର ଭଲ ଗୁଣ ସେମାନଙ୍କଠାରେ ଥିବା ଉଚିତ । ପୁଣି କହିଲେ ''ଈଶ୍ୱର ପ୍ରସନ୍ନ ହେଉଥିବେ ଏବଂ ପ୍ରତ୍ୟେକ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ.....*

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan